RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -117 | ସଂଖ୍ୟା-୧୧୭
ଭୁବନେଶ୍ୱର, ବୁଧବାର ୧୬, ଜୁଲାଇ ୨୦୨୫
Bhubaneswar, Wednesday, 16 July, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ



ବାଲେଶ୍ୱର,୧୧୭(ନି.ପ୍ର.); ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କର ବିଶି ଅନ୍ତିମ ସଂସ୍କାର ନିଜ ଜନ୍ମମାଟି ପଳାସିଆରେ ସଂପନ୍ନ ହୋଇଛି । ପଞ୍ଚଭୂତରେ ଲୀନ ହୋଇଛନ୍ତି ସୌମ୍ୟାଶ୍ରୀ। ପୀଡିତାଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପୂର୍ବରୁ ପରିବାରରେ କାନ୍ଦବୋବାଳି ଦେଖାଯାଇଥିଲା। ପୀଡିତାଙ୍କ ଗାଁ ସ୍ତବ୍ଧ ହୋଇପଡିଥିଲା। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଅଶ୍ରୁଳ ଲୁହରେ ସୌମ୍ୟାଶ୍ରୀଙ୍କୁ ବିଦାୟ ଦିଆଯାଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ପ୍ରମୁଖ ଶେଷକୃତ୍ୟରେ ସାମିଲ ହୋଇଥିଲେ। ପାର୍ଥିବ ଶରୀର ପହଞ୍ଚିବା ପରେ ଗାଁରେ ସଂକୀର୍ତ୍ତନ କରାଯାଇଥିଲା। ଖଣ୍ଡମଣ୍ଡଳର ଲୋକ ରୁଣ୍ଡ ହୋଇଥିଲେ । ଦିନେ ତା ପାଦ ପଡିଲେ କମ୍ପିଉଠୁଥିଲା କଲେଜ୍। ଆଜି ସେହି କଲେଜ୍ ପାର୍ କରି ଚାଲିଗଲା ତା'ର ଦଗ୍ଧ ମୃତଦେହ। ସେ ଗଲାବେଳକୁ ପଡିଆରେ ଥିବା ସେ ସିମେଣ୍ଟ୍ ଚେୟାର୍ ବି ଦି' ଟୋପା ଲୁହ ଝରେଇ ଦେଇଥିଲା। କେତେ ବସିନଥିଲା ସେ ଝିଅଟି ତା' ଉପରେ ଆହାଃ! ଇଏ କ'ଣ ଏକ ଯିବା ବୟସ ଯେ; କେହି ତାହାକୁ ସହଜରେ ଗ୍ରହଣ କରିନେବ?

ସୌମ୍ୟାଶ୍ରୀଙ୍କୁ ହରାଇ ଗାଁ କାନ୍ଦୁଛି, ମାଆ କାନ୍ଦୁଛି.. ସମସ୍ତଙ୍କ ଆଖିରୁ ଲୁହ ଝରୁଛି । ସାହସୀ ଝିଅ ଶବ ପାଲଟିଯିବା ପରେ ସମସ୍ତେ ସ୍ତବ୍ଧ, ସମସ୍ତେ ନୀରବ, ଏକଦମ ଚୁପ । ଦିନ କେଇଟାରେ କଣ ସବୁ ଘଟିଗଲା ନା ପରିବାର ଲୋକେ ଜାଣି ପାରିଛନ୍ତି ନା ଗାଁ ଲୋକେ ବୁଝି ପାରୁଛନ୍ତି । ଗାଁର ସାହସୀ ଝିଅ, ଗାଁର ସୁନା ଝିଅ, ଖଣ୍ଡମଣ୍ଡଳର ପରିଚିତ ଚେହେରା ଯେତେବେଳେ ପେଟ୍ରୋଲ ନିଆଁରେ ଜଳି ଜୀବନ ପାଇଁ ମୃତ୍ୟୁ ସହ ସଂଘର୍ଷ କରୁଥିଲା ସେତେବେଳେ ସାରା ଅଞ୍ଚଳର ଲୋକେ ତା ପାଇଁ ପ୍ରାର୍ଥନା କରିଥିଲେ, ଦୀପ ଜାଳିଥିଲେ ଆଉ ଆଜି ଯେତେବେଳେ ସେହି ଝିଅ ଜୁଇ ନିଆଁରେ ଜଳିଯାଉଛି ସେ କଥାକୁ ସହଜେ ଗ୍ରହଣ କରି ପାରୁ ନାହାନ୍ତି ଗ୍ରାମବାସୀ । କାନ୍ଦି କାନ୍ଦି ପୂରା ପରିବେଶକୁ ଶୋକାକୂଳ କରିଛନ୍ତି ଲୋକେ ।

## ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଏପଟେ ସୌମ୍ୟାଶ୍ରୀଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ରାଜ୍ୟ ସରକାର। ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସହାୟତା ନେଇ ସୂଚନା ଦେଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ । ମୃତ ସୌମ୍ୟାଶ୍ରୀଙ୍କ ଗାଁରୁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ବେଳେ ସହାୟତା କଥା ସ୍ପଷ୍ଟ କଲେ ସାଂସଦ ।

# ଆଜି ବିଜେଡି, ୧୭ରେ କଂଗ୍ରେସର ବନ୍ଦ ଡାକରା

ବାଲେଶ୍ୱର,୧୫।୭: ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ଓ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରୁଛି। ଉଭୟ ଦଳ ମଧ୍ୟ ବନ୍ଦ ଡାକରା ଘୋଷଣା କରିଛି। ବିଜେଡି ଆସନ୍ତାକାଲି ବାଲେଶ୍ୱର ବନ୍ଦ ଡାକରା ଦେଇଥିବାବେଳେ ୧୭ ତାରିଖରେ କଂଗ୍ରେସ ଓ ବାମଦଳ ଓଡ଼ିଶା ବନ୍ଦ ଡାକରା ଘୋଷଣା କରିଛି।

ଆସନ୍ତାକାଲି (ବୁଧବାର) ବିଜେଡି ପକ୍ଷରୁ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟା ଠାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ । ଏହି ସମୟରେ ଜରୁରୀ ସେବା ଚାଲୁ ରହିବ । ମାତ୍ର ବନ୍ଦ ସମୟରେ ଦୋକାନ ବଜାର, ଗାଡିମଟର, ବସ୍, ଟ୍ରେନ୍, ସ୍କୁଲ ଓ କଲେଜ ବନ୍ଦ ରହିବ । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ବିଜେଡି ସୂଚନା ଦେଇଛି । ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛି ବିଜେଡି । ଛାତ୍ରୀ ସୌମ୍ୟାଶ୍ରୀ ଅଧ୍ୟାପକଙ୍କ ଅତ୍ୟାଚାର ସହିପାରି ନଥିଲେ । ଏ ବିଷୟରେ ମହାବିଦ୍ୟାଳୟ, ଥାନା, ସାଂସଦ ସମସ୍ତଙ୍କୁ ଜଣାଇଥିଲେ । ହେଲେ ତାଙ୍କୁ ନ୍ୟାୟ ମିଳିନଥିଲା । ଶେଷରେ ନ୍ୟାୟ ପାଇଁ ନିଜେ ନିଜକୁ ଜାଳିଦେଇଥିଲେ । ଏହି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ସହ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯିବ।

ସେପଟେ ସୌମ୍ୟାଶ୍ରୀଙ୍କ ପରିବାରକୁ ଭେଟିଛନ୍ତି ବିଜେଡ଼ି ପ୍ରତିନିଧି ଦଳ। ପରିବାରକୁ ଭେଟିବା ପରେ ବିଜେଡ଼ି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି, ଏ ଘଟଣା ପଛରେ ରାଜନୀତି ରହିଛି। କେବଳ କଲେଜ ଅଧକ୍ଷ ଓ ଅଧ୍ୟାପକ ଦୋଷୀ ନୁହଁନ୍ତି । ଏଥିରେ ବହୁ ଲୋକଙ୍କ ସମ୍ପୃକ୍ତି ରହିଛି । ଥାନାରେ ଏଫଆଇଆର ହେଲା ନାହିଁ, ଏସ୍ ?ପି ପଦକ୍ଷେପ ନେଲେ ନାହିଁ । ତେଣୁ ଏ ଘଟଣାର ନାୟିକ ତଦନ୍ତ କରାଯାଉ । ତା ହେଲେ ସମସ୍ତ ଦୋଷୀ ଧରାପଡିବେ ।ବରିଷ୍ଠ ବିଜେଡ଼ି ନେତା ରବୀନ୍ଦ୍ର ଜେନା କହିଛନ୍ତି, ସୌମ୍ୟାଶ୍ରୀଙ୍କୁ କିଏ ପେଟ୍ରୋଲ ଦେଲା, କିଏ ଭିଡିଓ ଉଠାଉଥିଲା, କିଏ ତାଙ୍କୁ ଉସକାଉଥିଲା ଏସବୁର ତଦନ୍ତ ହେବା ଦରକାର। ଏହା ପଛରେ ରାଜନୀତି ରହିଛି ବୋଲି ରବୀନ୍ଦ୍ର ଜେନା କହିଛନ୍ତି ।

ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ ଓ ବାମପନ୍ଥୀ ଦଳ। ଏନେଇ ପିସିସ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ମିଳିତ ବିରୋଧୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି। ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ ଓ ବାମପନ୍ଥୀ ଦଳ। ଏନେଇ ପିସିସ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ବାଲେଶ୍ୱର ଫକୀରମୋହନ ଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ମିଳିତ ବିରୋଧୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏନେଇ ଘୋଷଣା କରାଯାଇଛି।

ସେ କହିଛନ୍ତି, ଆଜି ସବୁ ସହରରେ କ୍ୟାଣ୍ଡଲ ଲାଇଟ୍ ଜାଳି ଆମର ଆତ୍ମାର ସଦ୍ଗତି କାମନା କରିବେ। ଏଥିରେ ବାମପନ୍ଥୀ ଦଳ ଓ ଏନସିପି ସାମିଲ ହୋଇଛନ୍ତି। ୮ଟି ଦଳ ଏକାଠି ହୋଇଛନ୍ତି। ଶେଷରେ ନିଜ ଦଳ ଏବିଭିପିର ଝିଅ ବି ବାଦ୍ ପଡିଲାନି। ସେ ଝିଅ ପେଟ୍ରୋଲ ଆଣିଲା , ସମସ୍ତେ ଦେଖୁଥିଲେ। କେହି ପ୍ରତିବାଦ କଲେଣି। ବିଜେପି ଦଳ ଶାସନକୁ ଆସିବାପରେ କାହାରି କଥା ଶୁଣିଲେନି। ଏସରକାର ନୈତିକ ଦୃଷ୍ଟିରୁ ଶାସନରୁ ଓହରିଯିବା ଦରକାର। ଯାହାକୁ ଘୋର ବିରୋଧ କରିବୁ। ତାଙ୍କ ଦଳ ଏବିଭିପିର ଝିଅକୁ ହତ୍ୟା କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଉଛି। ଏହି ଦିନ ସ୍କୁଲ୍, କଲେଜ, ଦୋକାନ ବଜାର ବନ୍ଦ ରହିବ।

# ୭ଦିନ ଭିତରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୭(ନି.ପ୍ର.): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ମାମଲାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ହୋଇଛି । ୟୁଜିସି ପକ୍ଷରୁ ଏନେଇ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି।



ପ୍ରଫେସର ରାଜ୍ ମିତ୍ତଲ ଏହି କମିଟିର ଅଧକ୍ଷତାରେ କରିବେ। ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ନୀର୍ଜା ଗୁପ୍ତା ସଦସ୍ୟ ରହିଥିବା ବେଳେ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଅଛନ୍ତି ।ନୂଆଦିଲ୍ଲୀସ୍ଥିତ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ଓ ୟୁଜିସି ସଦସ୍ୟ ପ୍ରଫେସର ରାଜ୍ ମିତ୍ତଲ ଏହି କମିଟିର ଅଧକ୍ଷତାରେ କରିବେ। ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ନୀର୍ଜା ଗୁପ୍ତା ସଦସ୍ୟ ରହିଥିବା ବେଳେ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଅଛନ୍ତି। ଏହି କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବ ଏବଂ ଏହାକୁ ୭ଦିନ ଭିତରେ ଦାଖଲ କରିବେ।

## ୧୯ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର,୧୫।୭(ନି.ପ୍ର.): ଗତକାଲି ଠାରୁ ସକ୍ରିୟ ଥିବା ଅବପାତ ଦୁର୍ବଳ ହେଇ ଝାଡ଼ଖଣ୍ଡ ଏବଂ ବିହାର ଉପରେ ଅବସ୍ଥିତ ଅଛି। ଏହାରି ପ୍ରଭାବରେ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଆକଳନ କରାଯାଇଛି ।ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛ ଯେ, ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଧୀରେଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି।

ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ସଂଜୀବ ଦ୍ୱିବେଦୀ କହିଛନ୍ତି, ଯାଜପୁର, ନୂଆପଡା, ବଲାଙ୍ଗୀର, ସୁବର୍ଣ୍ଣପୁର, ଢେଙ୍କାନାଳ, ଅନୁଗୁଳ ଏବଂ ଦେବଗଡ଼ ଜିଲ୍ଲାକୁ ଏଲୋ ଆଲର୍ଟ ଜାରି କରାଯାଇଛି। ବ୍ରଜପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବ। ଆସନ୍ତା ୧୯ତାରିଖ ପ୍ରଯ୍ୟନ୍ତ ବର୍ଷା ଲାଗିରହିବ।

## ଝିଅକୁ ନେଇ ରାଜନୀତି ନ କରିବାକୁ ବାପାଙ୍କ ନିବେଦନ

ଭୁବନେଶ୍ୱର,୧୪।୭(ନି.ପ୍ର.): ନ୍ୟାୟ ପାଇଁ ଲଢ଼ି ଲଢ଼ି ଶେଷରେ ସୋମବାର ମଧ୍ୟ ରାତ୍ରରେ ଆଖି ବୁଜିଦେଲେ ସାହସୀ ଝିଅ ସୌମ୍ୟାଶ୍ରୀ। ତାଙ୍କ ମୃତ୍ୟୁ ପରେ ପୂରା ରାଜ୍ୟ ଉଠୁଛିପଡୁଛି। ଚାରିଆଡେ ଖାଲି ନ୍ୟାୟ ପାଇଁ ଦାବି ହେଉଛି। ସେ ଚାଲିଯିବା ପରେ ଶୋକ ସାଗରେ ଭାସୁଛି ପୂରା ପରିବାର। ଏହି ସମୟରେ ସୌମ୍ୟାଶ୍ରୀଙ୍କ ବାପାଙ୍କର ଏକ ଭିଡିଓ ଭାଇରାଲ୍ ହେଉଛି।
ଭିଡିଓରେ ସୌମ୍ୟାଶ୍ରୀଙ୍କ ବାପା କହୁଛନ୍ତି, ''ମୋତେ ସରକାର ବହୁତ ସାହାଯ୍ୟ କରିଛନ୍ତି। ସରକାର ଏହି ଘଟଣାକୁ ନେଇ ସମ୍ବେଦନଶୀଳ ଅଛନ୍ତି। କିଛି ଦାବି ପୂରଣ କରିଛନ୍ତି ଓ ଆହୁରି କିଛି ଦାବି ପୂରା କରିବେ ବୋଲି ପ୍ରତିଶ୍ରୁତି ବି ଦେଇଛନ୍ତି। ଆମେ ଘରଲୋକ ମାନସିକ ସ୍ତରରେ ଖୁବ୍ ଦୁର୍ବଳ ହୋଇପଡିଛୁ। ଦୟାକରି ମୋ ଝିଅକୁ ନେଇ ରାଜନୀତି କରନ୍ତୁ ନାହିଁ। ସବୁଠାରୁ ବଡ କଥା ହେଲା ଗତକାଲି ରାଷ୍ଟ୍ରପତି ୧୦ ମିନିଟ୍ ? ମୋ ସହ ଆଲୋଚନା କରିଥିଲେ। ସେ ମୋତେ ସମୟ ଦେଇଥିଲେ। ଝିଅ ବଞ୍ଚିବା ପାଇଁ ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥନା କରିଥିଲେ। ହେଲେ ଭଗବାନ ତାଙ୍କ କଥା ଶୁଣିଲେନି କି ମୋ କଥା ବି ଶୁଣିଲେନି। ଯେତେ ଯାହା ହୋଇଗଲେ ବି ମୁଁ ଲ ?ିବା ଛାଡିବି ନାହିଁ। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ମୁଁ ଲଢେଇ ଜାରି ରଖିବି।''

# ରେଭେନ୍ସା ଏକ ଶାଳଗ୍ରାମ : ରାଷ୍ଟ୍ରପତି

କଟକ,୧୫।୭(ନି.ପ୍ର.): ରେଭେନ୍ସା ଇଟା ଓ ସିମେଣ୍ଟରେ ଗଢ଼ା ନୁହେଁ। ଏହା ଏକ ଶାଳଗ୍ରାମ। ଏହି ଅନୁଷ୍ଠାନ ଭାରତ ଇତିହାସ ସହ ଯୋଡି ହୋଇରହିଛି। ଗତ ଦୁଇ ବର୍ଷହେଲା ଝିଅମାନେ ଏଠାରେ ସଫଳତାର ଆଗରେ ରହିଛନ୍ତି। ପୁଅମାନଙ୍କଠାରୁ ଝିଅମାନଙ୍କୁ ଅଧିକ ସଫଳତା ପରିବର୍ତ୍ତନର ପ୍ରମାଣ। ରେଭେନ୍ସା ଅନୁଭୂତି ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଏହି ମତ ରଖିଛନ୍ତି। ସେ କହିଛନ୍ତି, ମୋ ଝିଅ ଏଠାରେ ଦୁଇ ବର୍ଷ ପାଠ ପଢିବା ସମୟରେ ମୁଁ ହଷ୍ଟେଲକୁ ଆସିଥିଲି। ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥିଭାବେ ଯୋଗ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଛାତ୍ରଛାତ୍ରୀମାନେ ଚାକିରି କରିବା ପାଇଁ ନୁହେଁ। ଚାକିରିଦେବାକୁ ଉଦ୍ୟମ କରନ୍ତୁ। ଉତ୍କଳ ଗୌରବ ମଧୁସୂଦନ ଦାସ (ମଧୁବାବୁ)ଙ୍କ ଦ୍ୱାରା ନିର୍ମିତ ଜୋତା କାରଖାନାର ମଧ୍ୟ ଉଦାହରଣ ରଖିଛନ୍ତି। ରେଭେନ୍ସା ଏକ ପୁରୁଣା ଅନୁଷ୍ଠାନ। ମାତ୍ର ପୁରୁଣା କାଳିଆ ନୁହେଁ। ଯେଉଁ କର୍ମକ୍ଷେତ୍ରରେ ଥିଲେ ବି ଅନୁଷ୍ଠାନକୁ ଭୁଲିପାରିବା ନାହିଁ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥିଭାବେ ଯୋଗ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଛାତ୍ରଛାତ୍ରୀମାନେ ଚାକିରି କରିବା ପାଇଁ ନୁହେଁ। ଚାକିରି ଦେବାକୁ ଉଦ୍ୟମ କରନ୍ତୁ। ଉତ୍କଳ ଗୌରବ ମଧୁସୂଦନ ଦାସ (ମଧୁବାବୁ)ଙ୍କ ଦ୍ୱାରା ନିର୍ମିତ ଜୋତା କାରଖାନାର ମଧ୍ୟ ଉଦାହରଣ ରଖିଛନ୍ତି। ରାଷ୍ଟ୍ରପତି ଆଜି ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିଛନ୍ତି।ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଏହି ଶିକ୍ଷାନୁଷ୍ଠାନ ସ୍ୱାଧୀନତା ସଂଗ୍ରାମର ଏକ ସକ୍ରିୟ କେନ୍ଦ୍ର ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ସହିତ ଜଡିତ ଥିଲା। ଶିକ୍ଷାର ବିକାଶ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ନିରନ୍ତର ମୂଲ୍ୟବାନ ଯୋଗଦାନ ଦେଇ ଆସୁଛି। ଏହାର ଅନେକ ପୂର୍ବତନ ବିଦ୍ୟାର୍ଥୀ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ଦାର୍ଶନିକ, ରାଜନେତା, ସମାଜ ସଂସ୍କାରକ, ବୈଜ୍ଞାନିକ ଏବଂ କଳାକାର ଭାବରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗବେଷଣା, ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରୁଛି ବୋଲି ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ। ଏହି ଅନୁଷ୍ଠାନ ପରାମର୍ଶ ସେବା ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ମାଧ୍ୟମରେ ଅନେକ ଶିଳ୍ପ ଅଂଶୀଦାରଙ୍କ ନିକଟରେ ନିଜର ବିଶେଷଜ୍ଞତା ପହଞ୍ଚାଇଛି। ଏହାର 'ଡିଜାଇନ, ନବସୃଜନ ଏବଂ ଉଦ୍ୟମିତା କେନ୍ଦ୍ର' ବିଚାରବିମର୍ଶ, ଗବେଷଣା ଏବଂ ଉଦ୍‌ଯୋଗ ବିକାଶକୁ ପ୍ରୋତ୍ସାହନ ଦେଉଛି।



ବିଶ୍ୱବିଦ୍ୟାଳୟ ଆଦିବାସୀ ଅଞ୍ଚଳ, ଅନୁନ୍ନତ ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ସନ୍ତୋଷର ବିଷୟ ବୋଲି ସେ କହିଥିଲେ ।ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିର ଯୁଗ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ଥ୍ରୀଡି ପ୍ରିଣ୍ଟିଂ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଆମ ଚିନ୍ତାଧାରା ଏବଂ କାର୍ଯ୍ୟ ଶୈଳୀରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି। ରେଭେନ୍ସା ଏହି ପ୍ରଯୁକ୍ତିର ଭଲ ବ୍ୟବହାର କରୁଛି ବୋଲି ଜାଣି ସେ ଖୁସି ହୋଇଥିଲେ। ଏସବୁ ଅତ୍ୟାଧୁନିକ ପ୍ରଯୁକ୍ତିର ଅପବ୍ୟବହାର ପ୍ରତି ସତର୍କ ରହିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଆମ ଦେଶ ବର୍ତ୍ତମାନ ଅମୃତ କାଳ ଦେଇ ଅଗ୍ରସର ହେଉଥିବା ରାଷ୍ଟ୍ରପତି କହିଥିଲେ। ସେ କହିଥିଲେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ଲକ୍ଷ୍ୟ। ରାଷ୍ଟ୍ର ପ୍ରଥମ ଭାବନା ଆମର ସବୁଠୁ ବଡ ସାମର୍ଥ୍ୟ। ଆମର ସୈନିକ, କୃଷକ, ବୈଜ୍ଞାନିକ, ଇଞ୍ଜିନିୟର, ଡାକ୍ତର ଏବଂ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଥିବା ଲୋକମାନେ ଭାରତର ଗୌରବ ବୃଦ୍ଧି ଭାବନା ନେଇ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଠାରୁ ପ୍ରେରଣା ହାସଲ କରି ନିଜର ଜ୍ଞାନ, ଦକ୍ଷତା ଏବଂ ସମର୍ପଣ ଜରିଆରେ ଦେଶର ବିକାଶରେ ଯୋଗଦାନ କରିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ।

ସମାବର୍ତ୍ତନ ଉତ୍ସବ ପରେ ଆୟୋଜିତ ଆଉ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କଟକସ୍ଥିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ନିମନ୍ତେ ଶିଳାନ୍ୟାସ କରିଥିଲେ। ସେଠାରେ ସଂକ୍ଷିପ୍ତ ବକ୍ତବ୍ୟ ରଖି ରାଷ୍ଟ୍ରପତି କହିଥିଲେ ଯେ, ଶିକ୍ଷାଦାନର ଗୁଣବତ୍ତା ଏବଂ ଭଲ ଭିତ୍ତିଭୂମି ଏକ ଉତ୍ତମ ଶିକ୍ଷାଗତ ପରିବେଶ ସୃଷ୍ଟି କରିଥାଏ। ପୁନଃବିକାଶ ପ୍ରକଳ୍ପ ସମାପ୍ତ ହେବା ପରେ, ଏହି ବିଦ୍ୟାଳୟର ସୁବିଧା ଆହୁରି ଉନ୍ନତ ହେବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଝିଅମାନଙ୍କ ଶିକ୍ଷା ସହ ଜଡିତ ଏହି ପ୍ରକଳ୍ପ ପାଇଁ ସେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ।

ରାଷ୍ଟ୍ରପତି କହିଥିଲେ, ଝିଅମାନଙ୍କୁ ସମାନ ସୁବିଧା ଏବଂ ସୁଯୋଗ ଦିଆଗଲେ ସେମାନେ ଭଲ ପ୍ରଦର୍ଶନ କରନ୍ତି ବୋଲି ବିଭିନ୍ନ ସମାବର୍ତ୍ତନ ସମାରୋହରେ ସେ ଉଲ୍ଲେଖ କରିଛନ୍ତି। ଶିକ୍ଷା, ସାହିତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ବାଣିଜ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଝିଅମାନେ ସକ୍ରିୟ ଭାବେ ଯୋଗଦାନ ଦେଉଥିବା ଶ୍ରୀମତୀ ମୁର୍ମୁ କହିଥିଲେ। ବିଭିନ୍ନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁଥିବା ମହିଳାମାନଙ୍କ ଠାରୁ ପ୍ରେରଣା ହାସଲ କରିବା ନିମନ୍ତେ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିଜର ଜ୍ଞାନ, ଆତ୍ମବିଶ୍ୱାସ, ଦକ୍ଷତା ଏବଂ ସମର୍ପଣର ଶକ୍ତି ବଳରେ ସେମାନେ ଅସମ୍ଭବକୁ ମଧ୍ୟ ସମ୍ଭବ କରି ଦେଖାଇବେ ବୋଲି ରାଷ୍ଟ୍ରପତି କହିଥିଲେ।

# ରାହୁଲ-ଧର୍ମେନ୍ଦ୍ର ମୁହାଁମୁହିଁ

ଭୁବନେଶ୍ୱର: ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ପୂରା ରାଜ୍ୟ ଉଠୁଛି ପଡୁଛି। ତେବେ ଏହା ଜାତୀୟ ରାଜନୀତିରେ ମଧ୍ୟ ଚହଳ ପକାଇଛି। ଯାହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଧର୍ମେନ୍ଦ୍ର ପ୍ରଧାନ ମୁହାଁମୁହିଁ ହୋଇଛନ୍ତି। ସୋମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାହୁଲ ମୁହଁ ଖୋଲିଥିବାବେଳେ ଏହାକୁ କଡ଼ା କାଉଣ୍ଟର କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରାହୁଲ ଗାନ୍ଧୀ ଏକ ଏକ୍ସ ପୋଷ୍ଟରେ ଏହି ଘଟଣାକୁ "ଭାଜପାର ସିଷ୍ଟମ ଦ୍ୱାରା ସଂଗଠିତ ହତ୍ୟା" ବୋଲି ଅଭିହିତ କରି ଅଭିଯୋଗ କରିଛନ୍ତି ଯେ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ପରିବର୍ତ୍ତନ ଧମକ, ପ୍ରତାରଣା ଓ ଅପମାନ ସହିବାକୁ ପଡେ। ସେ ଓଡ଼ିଶା ସରକାର ଏବଂ ଭାଜପା ଉପରେ ନିଶାନା ସାଧି କହିଛନ୍ତି ଯେ ଅଭିଯୁକ୍ତଙ୍କୁ ସୁରକ୍ଷା ଦିଆଯାଉଛି ।ରାହୁଲ ଗାନ୍ଧୀଙ୍କୁ କଡା ଜବାବ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଛାତ୍ରୀଙ୍କର ଅକାଳ ବିୟୋଗକୁ ନେଇ ରାହୁଲଙ୍କର ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏକ ସମ୍ବେଦନଶୀଳ ବିଷୟକୁ ରାଜନୈତିକ ଅସ୍ତ୍ର କରିବା ତାଙ୍କର ଶସ୍ତା ମାନସିକତାକୁ ଦର୍ଶାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ସର୍ବଦା ମହିଳାମାନଙ୍କର ସୁରକ୍ଷା ଓ ନ୍ୟାୟ ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ସବୁ ବେଳେ ଦୁର୍ଘଟଣାରୁ ରାଜନୈତିକ ଫାଇଦା ନେବା ଲାଗି କାମ କରିଛି। ଏହି ଘଟଣାରେ ଓଡିଶା ସରକାର ପୀଡିତାଙ୍କ ପରିବାର ସହିତ ଛିଡା ହୋଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ, କାହାରିକୁ ଛଡାଯିବ ନାହିଁ। ଏବେ ସମୟ ଶସ୍ତା ରାଜନୀତିର ସମୟ ନୁହେଁ, ବରଂ ପୀଡିତା ପରିବାରକୁ ନ୍ୟାୟ ଦେବାର ସମୟ। ରାହୁଲ ଗାନ୍ଧୀ ନିଜର ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଲାଗି ପୀଡତାଙ୍କ ପରିବାରକୁ କ୍ଷମା ମାଗିବା ଉଚିତ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ସର୍ବଦା ମହିଳାମାନଙ୍କର ସୁରକ୍ଷା ଓ ନ୍ୟାୟ ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ସବୁ ବେଳେ ଦୁର୍ଘଟଣାରୁ ରାଜନୈତିକ ଫାଇଦା ନେବା ଲାଗି କାମ କରିଛି। ଏହି ଘଟଣାରେ ଓଡିଶା ସରକାର ପୀଡିତାଙ୍କ ପରିବାର ସହିତ ଛିଡା ହୋଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ, କାହାରିକୁ ଛଡାଯିବ ନାହିଁ। ଏବେ ସମୟ ଶସ୍ତା ରାଜନୀତିର ସମୟ ନୁହେଁ, ବରଂ ପୀଡିତା ପରିବାରକୁ ନ୍ୟାୟ ଦେବାର ସମୟ। ରାହୁଲ ଗାନ୍ଧୀ ନିଜର ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଲାଗି ପୀଡିତାଙ୍କ ପରିବାରକୁ କ୍ଷମା ମାଗିବା ଉଚିତ।

# ରାସନ କାର୍ଡ ପାଇଁ ୨୦.୫୮ ଲକ୍ଷ ଲୋକ ଇ କେୱାଇସି କରିନାହାନ୍ତି : ମନ୍ତ୍ରୀ

ଭୁବନେଶ୍ୱର,୧୫।୭(ନି.ପ୍ର.): ଓଡିଶାରେ ରାସନ କାର୍ଡ ପାଇଁ ୨୦ ଲକ୍ଷ ୫୮ ହଜାର ଲୋକ ଇ କେୱାଇସି କରିନାହାନ୍ତି। ସେମାନଙ୍କ ଚାଉଳ ବନ୍ଦ କରାଯାଇଛି ।ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଯଦି ଚାଉଳ ଯାଉନି ଶୁଣି ସେମାନେ ଆସୁଛନ୍ତି, ତେବେ ଇ କେୱାଇସି କଲେ ସରକାର ସେମାନଙ୍କୁ ଚାଉଳ ଦେବେ । ଯେଉଁମାନେ ଇ କେୱାଇସି କରିନାହାନ୍ତି ପାଇଁ ୩ ମାସ ଅପେକ୍ଷା କରିବେ ସରକାର । କାର୍ଡଗୁଡ଼ିକ ସେହି ସମୟରେ ସସପେଣ୍ଡ ଅବସ୍ଥାରେ ରହିବ। ଯଦି ଏହି ସମୟରେ ଲୋକ ଇ କେୱାଇସି ନକରନ୍ତି, ତେବେ କାର୍ଡଗୁଡ଼ିକ କାଟି ଦେବେ ସରକାର ।ତାପରେ ଆସି ଇ କେୱାଇସି କଲେ ଚାଉଳ ପାଇବେ।

ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଯଦି ଚାଉଳ ଯାଉନି ଶୁଣି ସେମାନେ ଆସୁଛନ୍ତି, ତେବେ ଇ କେୱାଇସି କଲେ ସରକାର ସେମାନଙ୍କୁ ଚାଉଳ ଦେବେ। ଯେଉଁମାନେ ଇ କେୱାଇସି କରିନାହାନ୍ତି ପାଇଁ ୩ ମାସ ଅପେକ୍ଷା କରିବେ ସରକାର । କାର୍ଡଗୁଡ଼ିକ ସେହି ସମୟରେ ସସପେଣ୍ଡ ଅବସ୍ଥାରେ ରହିବ। ଯଦି ଏହି ସମୟରେ ଲୋକ ଇ କେୱାଇସି ନକରନ୍ତି, ତେବେ କାର୍ଡଗୁଡ଼ିକ କାଟି ଦେବେ ସରକାର । ତାପରେ ଆସି ଇ କେୱାଇସି କଲେ ଚାଉଳ ପାଇବେ।

ନେଟୱର୍କ ସମସ୍ୟା ଯେଉଁ ଜିଲ୍ଲାମାନଙ୍କରେ ଥିଲା, ସେଠାରେ ସରକାର ନେଟୱର୍କ ବ୍ୟବସ୍ଥା କରିଛନ୍ତି। ବୁଷ୍ଟର ମଧ୍ୟ ଲଗାଯାଇଛି । ଯଦି ତଥାପି ହୋଇନାହିଁ, ସେମାନେ ଜିଲ୍ଲା କେନ୍ଦ୍ରରେ ଆସି କରିପାରିବେ । ଇ କେୱାଇସି ଯେଉଁ ମାନଙ୍କର ହୋଇଯାଇଛି, ସେମାନେ ଚାଉଳ ପାଇବେ । ୫ ବର୍ଷରୁ ଅଧିକ ବୟସ ପିଲାମାନେ ରାସନ କାର୍ଡରେ ସାମିଲ ହେବେ।

### ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡାମାଡ

ଭୁବନେଶ୍ୱର,୧୫।୭: ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସେ ?ମ୍ୟାଶ୍ରୀ ବିଶି ମୃତ୍ୟୁ ମାମଲାରେ କଂଗ୍ରେସ ବିରୋଧ ପ୍ରଦର୍ଶନ କରିଛି। ଛାତ୍ର କଂଗ୍ରେସ ଆଜି ସନ୍ଧ୍ୟାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଘେରିଛି। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଉତ୍ତେଜିତ ହୋଇଛି। ଛାତ୍ର କଂଗ୍ରେସର ସଦସ୍ୟମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡା ମାଡ଼ କରିଛନ୍ତି। ଏଥି ସହିତ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି।

# ୧୮ ଦିନ ପରେ ମହାକାଶରୁ ଫେରିଲେ ଶୁଭାଂଶୁ ଶୁକ୍ଳା

ନୂଆଦିଲ୍ଲୀ,୧୫।୭: ୧୮ ଦିନ ଧରି ମହାକାଶରେ ରହିବା ପରେ ମହାକାଶଚାରୀ ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ଆକ୍ସିଓମ୍ ?-୪ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟଙ୍କ ସହ ପୃଥିବୀରେ ଅବତରଣ କରିଛନ୍ତି। ତାଙ୍କ ମହାକାଶଯାନ ଡ୍ରାଗନ କାଲିଫର୍ନିଆ ଉପକୂଳ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ସୁରକ୍ଷିତ ଭାବରେ ଅବତରଣ କରିଛି।

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ? ଶୁଭାଂଶୁ ଶୁକ୍ଳା ଏବଂ ଆକ୍ସିଓମ୍-୪ ମିଶନର ୩ ଅନ୍ୟ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍‌ନାନ୍‌ସ୍କି ଏବଂ ଟିବୋର କାପ ସୋମବାର ଭାରତୀୟ ସମୟ ଅପରାହ୍ନ ସାଢେ ୪ଟାରେ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ ଯୋଗେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଛାଡ଼ିଥିଲେ। ଦୀର୍ଘ ୧୮ ଦିନ ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ଆଇଏସ୍ ?ଏସ୍ ?ରୁ ଅଲଗା ହୋଇଥିଲା। ୨୨ ଘଣ୍ଟାର ଯାତ୍ରା ପରେ ୪ ମହାକାଶଚାରୀ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩ଟାରେ କାଲିଫର୍ନିଆ ଉପକୂଳରେ ଅବତରଣ କରିବେ ବୋଲି ସୂଚନା ରହିଥିଲା। ତେବେ ଆଇଏସ୍‌ଏସ ଛାଡ଼ିବାର କିଛିଘଣ୍ଟା ପୂର୍ବରୁ ଶୁଭାଂଶୁ ସେଠାରେ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ପ୍ରଦର୍ଶିତ କରିଥିଲେ। ଜଳ ମାଧ୍ୟମରେ କିପରି ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ସେ ଦର୍ଶାଇଥିଲେ। ଆକ୍ସିଓମ୍ ?-୪ ମିଶନ ଅନ୍ତର୍ଗତ ଏହି ପରୀକ୍ଷଣରେ ଶୁଭାଂଶୁ ମହାକାଶରେ ଜଳର ଅନନ୍ୟ ଆଚରଣକୁ ବୁଝାଇଥିଲେ।

ଉଲ୍ଲେଖଯୋଗ୍ୟ, ଆମେରିକୀୟ ମହାକାଶ ସଂସ୍ଥା (ଇସ୍‌ରୋ) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍‌ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ସେହିପରି ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାଇଥିଲେ।



## ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ କେନ୍ଦ୍ରମନ୍ତ୍ରୀ

# ‘କଳିଙ୍ଗ ରତ୍ନ-୨୦୨୪’ ସମ୍ମାନରେ ବିଭୂଷିତ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କଟକ,୧୫।୭ (ନି.ପ୍ର) ଏକବିଂଶ ଶତାବ୍ଦୀରେ ଆମେ ଆମର ଓଡ଼ିଆ ଭାଷାକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା ପାଇଁ ହେବ । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମରେ ଆମର ଭାଷା ଓ ସାହିତ୍ୟକୁ ସୁସମୃଦ୍ଧ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବାକୁ ହେବ । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରତିଦିନ ଗୁଗୁଲ ପରି ପ୍ଲାଟଫର୍ମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବା ଆବଶ୍ୟକ । ଏହା ଦ୍ୱାରା ଆମର ଓଡ଼ିଶା ସମ୍ପର୍କରେ ଡିଜିଟାଲ ଜ୍ଞାନ ଭଣ୍ଡାର ସୁସମୃଦ୍ଧ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଟକ ଠାରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରି ଆମ ସାହିତ୍ୟ ଜଗତକୁ ନୂଆ ଦିଗଦର୍ଶନ ଦେଇଥିଲେ । ସେ ଜନ୍ମ ଗ୍ରହଣ କରିଥିବା ଜଗତସିଂହପୁର ଜିଲ୍ଲା ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୁକସାକ୍ଷୀ । ଏହି ଅଞ୍ଚଳରୁ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ଓଡ଼ିଶାକୁ ବୈଭବ ଆଣିଛନ୍ତି । କଣ୍ଟିଲୋର ପାତ୍ର ସାମଗ୍ରୀ ପରି ଆମ ରାଜ୍ୟରେ ଉତ୍ପାଦନ ହେଉଥିବା ଉତ୍ପାଦ ବିଦେଶରେ ବିକ୍ରି ହେଉଛି, ଯାହା ଆମ ରାଜ୍ୟର ସମୃଦ୍ଧ ବାଣିଜ୍ୟ ଇତିହାସକୁ ପ୍ରତିଫଳିତ କରୁଛି । ଆମର ମହାନ ବିଭୂତିମାନଙ୍କ ପ୍ରୟାସରେ ଓଡ଼ିଆ ଭାଷା ; ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ସମେତ ଦେଶରେ ସବୁ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି । ସବୁ ମାତୃଭାଷା ରାଷ୍ଟ୍ରୀୟ ଭାଷା ବୋଲି ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି । ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କୁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢାଇବାର ବ୍ୟବସ୍ଥା ହୋଇଛି ।



ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଭାରତର ମାନନୀୟା ରାଷ୍ଟ୍ରପତିଙ୍କ କରକମଳରୁ ମର୍ଯ୍ୟାଦାଜନକ ‘କଳିଙ୍ଗ ରତ୍ନ-୨୦୨୪’ ସମ୍ମାନରେ ବିଭୂଷିତ ହୋଇଛନ୍ତି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିବା ମୋ ପାଇଁ ଗର୍ବ ଓ ଅତ୍ୟନ୍ତ ଭାବାବେଗର ବିଷୟ । ପୂର୍ବରୁ ଏହି ସମ୍ମାନ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ର, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରିଜିତ ପଶାୟତ, ପଦ୍ମଭୂଷଣ ରମାକାନ୍ତ ରଥ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଜଷ୍ଟିସ ଡ. ଅନଙ୍ଗ କୁମାର ପଟ୍ଟନାୟକ, ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମହୋଦୟଙ୍କୁ ପ୍ରଦାନ କରାଯାଇଛି ।

ଜଣେ ଓଡ଼ିଆ ଭାବରେ ମୋ ପାଇଁ ଏହା ବହୁତ ବଡ଼ ସମ୍ମାନ । ଏହାକୁ ମୁଁ ଶବ୍ଦରେ ବାଖ୍ୟା କରିପାରିବି ନାହିଁ । ଏହି ସମ୍ମାନ ମୋର ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କର । ଏକ ସାରସ୍ୱତ ସାହିତ୍ୟ ସଭାରେ ମୋତେ ଏହି ସମ୍ମାନର ଅଧିକାରୀ ଭାବେ ଯୋଗ୍ୟ ଭାବିଥିବାରୁ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତି, ସାରଳା ସାହିତ୍ୟ ସଂସଦ ଏବଂ ଚୟନ କମିଟିକୁ ଧନ୍ୟବାଦ ଜଣାଇଛନ୍ତି । ଆଜିର ଦିନ ମୋର ସାମାଜିକ ଓ ରାଜନୈତିକ ଜୀବନରେ ଚିର ସ୍ମରଣୀୟ ହୋଇରହିବ ।

ଏହି ସାରସ୍ୱତ ସାହିତ୍ୟ ସଭାରେ ରାଷ୍ଟ୍ରପତି ଉପସ୍ଥିତି ରହି ଆଦିକବି ସାରଳା ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଯଥୋଚିତ ସମ୍ମାନ ଦେଇଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଲେଖିକା ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଯୋଗଦେଇଥିଲେ ।

## ନେକ୍ସଟଜେନ କମ୍ପ୍ୟୁଟର ଏକାଡେମୀରେ ସୌମ୍ୟଶ୍ରୀଙ୍କ ସ୍ମୃତିରେ ଶୋକ ସଭା



କୁକୁଡାଖଣ୍ଡି,୧୫/୭ (ନି.ପ୍ର) : ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଅକାଳ ବିୟୋଗରେ ନେକ୍ସଟଜେନ କମ୍ପ୍ୟୁଟର ଏକାଡେମୀ ହିଞ୍ଜିଳିକାଟୁର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଏକ ଶୋକ ସଭାର ଆୟୋଜନ କରିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଏକାଡେମୀ ପରିବାର ପକ୍ଷରୁ ଦିବଙ୍ଗତ ସୌମ୍ୟଶ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଦୁଃଖ ବ୍ୟକ୍ତ କରାଯାଇଥିଲା। ସଭାରେ ନିରବତା ପାଳନ କରାଯାଇ ତାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ଏକାଡେମୀର ନିର୍ଦ୍ଦେଶକ ଶ୍ରୀଧର ପାଣିଗ୍ରାହୀ, ଆଲୋକ ନାୟକ, ରଜନୀକାନ୍ତ ସାହୁ, ବିକ୍ରମ ପ୍ରଧାନ,ପ୍ରତାପ କୁମାର ସାହୁ,ଚିନ୍ମୟ ପୋଲାଇ ପରିଚାଳନା କରିଥିବା ବେଳେ ବକ୍ତା ରୂପରେ ଭାଜପା ଯୁବମୋର୍ଚ୍ଚା ଜିଲ୍ଲା ସଂଯୋଜକ ରୋଶନ ଖୁଣ୍ଟିଆ, ନଗର ସଭାପତି ବଳରାମ ପଣ୍ଡା, ନୀତେଶ ପଣ୍ଡା ଓ ସରୋଜ ପାତ୍ର ତାଙ୍କ ଦୁଃଖ ଅଭିବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ଏହି ଶୋକ ସଭାରେ ତାଙ୍କ ଦୁଃଖ ବ୍ୟକ୍ତ କରିଥିଲେ ଏବଂ ସୌମ୍ୟଶ୍ରୀଙ୍କ ସ୍ମୃତିକୁ ଉଜାଗର କରି ଗଭୀର ସମ୍ବେଦନା ଜଣାଇଥିଲେ। ଏଥିରେ ଜୀବନର ମୂଲ୍ୟ, ସତର୍କତା, ଓ ଶିକ୍ଷାର ସଠିକ୍ ମୂଲ୍ୟବୋଧ ଓ ଦିଗଦର୍ଶନ ନେଇ ଆଲୋଚନା ହୋଇଥିଲା। ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବ ଏବଂ ସମାଜ ପ୍ରତି ଦାୟିତ୍ୱଶୀଳ ନାଗରିକ ଭାବରେ ଗଠିତ ହେବାକୁ ପ୍ରେରଣା ଯୋଗାଇବ।

# ଜିପିଓ ଆଧାର କେନ୍ଦ୍ରରେ ଅବ୍ୟବସ୍ଥା
## ମହିଳା କର୍ମଚାରୀଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କଟକ, ୧୫।୭ (ନି.ପ୍ର) : କଟକ ସହରରେ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା ଆଧାର କେନ୍ଦ୍ର ଗୁଡିକରେ ନାହିଁ ନଥିବା ଅବ୍ୟବସ୍ଥା ଓ କର୍ମଚାରୀଙ୍କ ଦୁର୍ବ୍ୟବାହରକୁ ନେଇ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଦ୍ୱାରସ୍ଥ ହୋଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ଆମ୍ବେଦକର ସ୍ମୃତି ପରିଷଦର ପ୍ରତିନିଧି। ବକ୍ସିବଜାରସ୍ଥିତ ପ୍ରଧାନ ଡାକଘର (ଜିପିଓ) ଆଧାର କେନ୍ଦ୍ରରେ ନିଯୁକ୍ତ ଦୁଇ ମହିଳା କର୍ମଚାରୀ ନିଜକୁ ପ୍ରଭାବଶାଳୀ ମନେକରି ଜନସାଧାରଣଙ୍କ ସହିତ ଦୁର୍ବ୍ୟବାହର ଓ ବେଖାତିର ମନୋଭାବ ଚରମସୀମାରେ ପହଂଚିଛି । ନିଜର ତୃଟି ଯୋଗୁଁ ସାଧାରଣ ଜନତା ହେଉଛନ୍ତି ହୀନସ୍ଥା । ଏହି ଦୁଇ ମହିଳା ଅଧିକ ଟଙ୍କା ଦେଲେ ଆଧାର କାର୍ଡ ହେବ ଓ ସଂଶୋଧନ ହେବ, ନହେଲେ ଏମିତି ଦୌଡୁଥିବ ବୋଲି କହି ବିଭିନ୍ନ



ଆଳଦେଖାଇ ଆଧାର ସଂଶୋଧନ ପାଇଁ ଆସୁଥିବା ଜନସାଧାରଣଙ୍କୁ ଏହି ଦୁଇମହିଳା ନାହିଁ ନଥିବା ହଇରାଣ କରୁଥିବାର ଅଭିଯୋଗ ହୋଇଛି । ଅନଲାଇନରେ ପଞ୍ଜୀକୃତ କରି ବାରମ୍ବାର ଦୌଡି ଦୌଡି ଶେଷରେ ନିରାଶ ହେଉଛନ୍ତି ଲୋକେ, ଯାହାଫଳରେ ସ୍କୁଲ ଓ କଲେଜ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ଲୋକମାନଙ୍କ ଅତି ଜରୁରୀ କାର୍ଯ୍ୟରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ଆଣି ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରବା ସହ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଗମ୍ଭୀରତାର ସହ ବିଚାର କରି ଉକ୍ତ ଦୁଇ ମହିଳା କର୍ମଚାରୀ ଓ ସହରରେ ଥିବା ଏକାଧିକ ଆଧାର କେନ୍ଦ୍ରରେ ନିଯୁକ୍ତ ସମସ୍ତ ପରିଚାଳକ ଯଥା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ, ବକ୍ସିବଜାର ପୋଷ୍ଟ ଅଫିସ, ଆଂଚଳିକ ପରିବହନ କାର୍ଯ୍ୟାଳୟ, (ସିଏମସି) ବିକାଶ ଭବନ ଓ ଟାଉନହଲ ଆଧାର କେନ୍ଦ୍ରରେ ଚଢାଉ କରାଯାଇ କର୍ମଚାରୀଙ୍କ ଯୋଗ୍ୟତା ଓ କାର୍ଯ୍ୟ ଦକ୍ଷତାକୁ ପରଖାଯାଇ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସେଠୀ ଦାବି କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଆଇନଜୀବୀ ଶିବ କୁମାର ବାରିକ, ଅକ୍ଷୟ କୁମାର ସାମଲ, ଇଂ. ତୃପ୍ତିମୟୀ, ଅନିମା ନାୟକ, ରୋଜାଲିନ ଜେନା, ରବୀନ୍ଦ୍ର ବେହେରା, ଲଳିତା ନାୟକ, ଧନେଶ୍ୱର ସେଠୀ, ଅଚ୍ୟୁତ ମଣ୍ଡଳ, ପ୍ରକାଶ ଜେନା, ବୁଲ୍କୁ ନାୟକ, ରମାକାନ୍ତ ସେଠୀ, ପ୍ରଫୁଲ୍ଲ ନାୟକ, ସୌମେନ୍ଦ୍ର ସେଠୀ, ଅଶୋକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ କରି ବିଜେଡିର ବିକ୍ଷୋଭ ସହିତ କୁଶପୁତ୍ତଳିକା ଦାହ

ପିପିଲି,୧୫।୭ (ନି.ପ୍ର) : ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ମୃତ୍ୟୁକୁ ନେଇ ସାରା ରାଜ୍ୟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପିପିଲି-ଡେଲାଙ୍ଗ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନିର୍ଦ୍ଦେଶକ୍ରମେ ପିପିଲି ହାଟଛକଠାରେ ବିକ୍ଷୋଭ କରାଯାଇଛି । ଛାତ୍ରୀ ସୌମ୍ୟାଶ୍ରୀ ବିସି ନିର୍ଯ୍ୟାତନା ସହି ନପାରି ଦେହରେ ନିଆଁ ଲଗାଇ ନିଜକୁ ଜାଳି ଦେଇଥିଲେ। ମୃତ ସହିତ ସଂଗ୍ରାମ ଜାରି ରଖିଥିବା ବେଳେ ଶେଷରେ ସୋମବାର ରାତି ୧୧ଟା.୪୬ମିରେ ଏମ୍ସ ମେଡିକାଲ ସୌମ୍ୟାଶ୍ରୀର ମୃତ ହୋଇଥିବା ଘୋଷଣା କରିଥିଲେ। ସୌମ୍ୟାଶ୍ରୀର ମୃତ୍ୟୁ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜ ଦାୟୀ କରି ତାଙ୍କର ଇସ୍ତଫା ଦାବୀ କରି ପିପିଲି ହାଟଛକଠାରେ କୁଶ ପୁତ୍ତଳିକା ଦାହ କରିଥିଲେ। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଏଠି ସରକାର କି ପ୍ରଶାସନ ଉପରେ ଜନସାଧାରଣଙ୍କ ଆସ୍ଥା ହରାଇ



ବସିଲେଣି । ରାଜ୍ୟରେ ମହିଳା ମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର, ଯୌନ ଶୋଷଣ ପାଇଁ କେବଳ ରାଜ୍ୟ ସରକାର ଦାୟୀ ବୋଲି ଅଭିଯୋଗ କରିଛି ବିଜେଡି । ମହିଳାଙ୍କୁ ସୁରକ୍ଷା ଦେଇପାରୁନଥିବାରୁ ମହିଳା ମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେବାକୁ ଦାବୀ କରିଛି ପିପିଲି ବିଜେଡ଼ି । ଏହି ବିକ୍ଷୋଭରେ ପିପିଲି ଏନଏସିର ଅଧକ୍ଷ ସେକ ବାବୁ, ପିପିଲି ବ୍ଲକ ମହିଳା ବିଜେଡି ନେତ୍ରୀ ଜେସ୍ମାରାଣୀ ପୃଷ୍ଟି,ଏନଏସି ଉପାଧକ୍ଷ ଭାଗ୍ୟବତୀ ମହାରଣା,ଲିପିକା ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ଦେବାଶିଷ ନନ୍ଦ, କେନ୍ଦ୍ର ସମବାୟ ବ୍ୟାଙ୍କ ସମିତିର ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲ୍ଲାପରିଷଦ ଧରଣୀଧର ସାହୁ, ବ୍ଲକ ବିଜେଡି ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ବିରଜାପ୍ରସାଦ ପଟ୍ଟନାୟକ, ଆଶିଷ ବରାଳ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ ଦାଶ,ଛାତ୍ର ବିଜେଡି ନେତା ଫଜଲ ଖାଁ, ଜୟନ୍ତ ଦାଶ, ରାଜାପ୍ରସାଦ ଭୋଳ, ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ସହ ଶତାଧିକ ବିଜେଡି କର୍ମୀ ଏହି ବିକ୍ଷୋଭ ସାମିଲ ହୋଇ ରାଜ୍ୟ ସରକାରକୁ କଡା ସମାଲୋଚନ କରି ନାରାବାଜି ଦେଇଥିଲେ।

# ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ଏକ ସେଣ୍ଟର ଅଫ୍ ଏକ୍ସସେଲେନ୍ସ ସ୍ଥାପନ ପାଇଁ କିଟ୍ ସହ ସହଯୋଗିତା

ଭୁବନେଶ୍ୱର,୧୫।୭ (ନି.ପ୍ର) : ଡାଟା ସେଣ୍ଟର ପାଇଁ ଭାରତର ସର୍ବବୃହତ୍ ଏମଇପି ଜିସି ସେବା ପ୍ରଦାନକାରୀ ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନଙ୍କୁ ବାସ୍ତବିକ ଅନୁଭୂତି ଏବଂ ଇଣ୍ଡଷ୍ଟ୍ରି ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବା ପାଇଁ କିଟ୍ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ନୂତନ ସହଯୋଗିତା ଶ୍ରେଣୀଗୃହ ଶିକ୍ଷା ଏବଂ ଅନଲାଇନ୍ ପ୍ରଶିକ୍ଷଣକୁ ଏକତ୍ର କରି ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ଦିନରୁ ଏକ ଦୃଢ୍ କ୍ୟାରିଅର୍ ଗଠନ କରିବାରେ ସକ୍ଷମ କରିବ। ଗତ ସପ୍ତାହରେ ଏହି ମର୍ମରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ସହଯୋଗିତା ମାଧ୍ୟମରେ ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ କିଟର ଡାଟା ସେଣ୍ଟରକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ପରିଣତ କରାଯିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ବାସ୍ତବିକ ଇଞ୍ଜିନିୟରିଂ ପ୍ରକଳ୍ପ ବିଶେଷକରି ଆଧୁନିକ ଡାଟା ସେଣ୍ଟରରେ ବ୍ୟବହୃତ ହେଉଥିବା ସିଷ୍ଟମ ଏବଂ ଟୁଲ୍ସ ସହିତ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବ।



ଏହି ସହଯୋଗିତାର ଏକ ମୁଖ୍ୟ କାର୍ଯ୍ୟକ୍ରମ ହେଉଛି ୱର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ୍ (ଡବ୍ଲ୍ୟୁଆଇଏଲପି)। ଏହା ଲିସିନଲାଇଟ୍ସରେ କାମ କରୁଥିବା ଜୁନିୟର୍ ଇଞ୍ଜିନିୟର୍ ଟ୍ରେନିମାନଙ୍କୁ (ଜେଇଟି) ଏବଂ ଗ୍ରାଜୁଏଟ୍ ଇଞ୍ଜିନିୟର୍ ଟ୍ରେନିମାନଙ୍କୁ (ଜିଇଟି)ମାନଙ୍କୁ ନିଜ ଚାକିରି ଜାରି ରଖିବା ସହିତ କିଟରୁ ବିଟେକ କିମ୍ବା ଏମ ଟେକ ଡିଗ୍ରୀ ହାସଲ କରିବାର ସୁଯୋଗ ପ୍ରଦାନ କରିବ। ସେମାନେ କ୍ୱାଲିଟି ଆସ୍ୟୁରାନ୍ସ (କ୍ୟୁଏ) ଏବଂ ଟେଷ୍ଟିଂ ଆଣ୍ଡ କମିଶନିଂ (ଟି ଆଣ୍ଡ ସି) ଆଦି ଗୁରୁତ୍ୱପୂର୍ଣ୍ଣ ଟେକ୍ନିକାଲ୍ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିପାରିବେ। ଏହା ସୁରକ୍ଷିତ ଏବଂ ଉଚ୍ଚ ଗୁଣବତା ପ୍ରକଳ୍ପ ପ୍ରଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ କଲେଜ୍ ପାଠ୍ୟକ୍ରମଗୁଡ଼ିକରେ ସାଧାରଣତଃ ଗଭୀର ଭାବେ ଯୋଡ଼ିହୋଇ ଥାଏ। ଅଟୋଡେସ୍କ ପରି ଟୁଲ୍ସରେ ପ୍ରଶିକ୍ଷିତ ଛାତ୍ରଛାତ୍ରୀମାନେ ନିଜ ବିଆଇଏମ ମଡେଲିଂ ଜ୍ଞାନ ଏବଂ ଦକ୍ଷତାକୁ ବାସ୍ତବିକ ପ୍ରକଳ୍ପରେ ବ୍ୟବହାର କରିବାର ସୁଯୋଗ ପାଇବେ ଯାହା ସେମାନଙ୍କୁ ବାସ୍ତବିକ ପ୍ରକଳ୍ପ ଶିକ୍ଷା ପ୍ରଦାନ କରିବ। ଏହି ବ୍ୟବହାରିକ ଅନୁଭୂତି ସେମାନଙ୍କୁ ସ୍ନାତକ ପରେ ଚାକିରି କ୍ଷେତ୍ରରେ ପ୍ରବେଶ କରିବା ସହଜ କରିଦେବ। ଏହି ସହଯୋଗିତା କେବଳ ପ୍ରଶିକ୍ଷଣ କିମ୍ବା ଇଣ୍ଟର୍ନସିପ୍ ନୁହେଁ। ଏହା ଏକ ଶିକ୍ଷାନୁଷ୍ଠାନ ଏବଂ କମ୍ପାନିଗୁଡ଼ିକ ମଧ୍ୟରେ ସହଯୋଗର ଏକ ମାଧ୍ୟମ ଯାହା ପ୍ରଥମ ଦିନରୁ କାମ କରିବାକୁ ପ୍ରସ୍ତୁତ ଏକ ନୂତନ ପିଢ଼ିର ଇଞ୍ଜିନିୟର ଗଠନ କରିବ। ମୁମ୍ବାଇରେ ମୁଖ୍ୟାଳୟ ଥିବା ଲିସିନଲାଇଟ୍ସ ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ଏନସିଆର, ଏବଂ ପୁଣେ ଭଳି ମୁଖ୍ୟ ମେଟ୍ରୋ ସହରଗୁଡ଼ିକରେ କାର୍ଯ୍ୟକାରୀ ଏବଂ ଜକାର୍ତାରେ ପିଟିଇ ଦ୍ୱିମିତ୍ର ଲିସିନଲାଇଟ୍ସ ଇଣ୍ଡୋନେସିଆ ନାମରେ କାର୍ଯ୍ୟ କରୁଛି। ଲିସିନଲାଇଟ୍ସର ଡାଟା ସେଣ୍ଟର କ୍ଲାଏଣ୍ଟ ତାଲିକାରେ ଫର୍ଚ୍ୟୁନ୍ ୫୦୦ କମ୍ପାନି, ବିଶ୍ୱର ସର୍ବବୃହତ୍ ଇ-କମର୍ସ ସଂସ୍ଥା, ଅଗ୍ରଣୀ କୋଲୋକେସନ୍ ଡାଟା ସେଣ୍ଟର୍ ପ୍ରଦାନକାରୀ ଏବଂ ଭାରତରେ ଡାଟା ସେଣ୍ଟର୍ ଥିବା ଆମେରିକୀୟ କମ୍ପାନିମାନେ ଅନ୍ତର୍ଭୁକ୍ତ। ଭାରତ ନିଜର ଡିଜିଟାଲ୍ ଏବଂ ଶିଳ୍ପ ଭିତ୍ତିଭୂମି ବିକାଶ କରୁଥିବା ବେଳେ ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ କିଟ୍ ସହିତ ମିଶି ଶ୍ରେଣୀଗୃହ ଶିକ୍ଷା ଏବଂ ବୃତ୍ତିଗତ ଅଭ୍ୟାସ ମଧ୍ୟରେ ଥିବା ଅନ୍ତର ପୂରଣ କରି ଅନୁଭୂତିମୂଳକ ଶିକ୍ଷାର ସଂସ୍କୃତି ପ୍ରତିଷ୍ଠା କରି ଭବିଷ୍ୟତ ଲାଗି ପ୍ରସ୍ତୁତ ଇଞ୍ଜିନିୟରିଂ ବୃତ୍ତିଧାରୀମାନଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି।

# କଂଗ୍ରେସ ଅନୁସୂଚିତ ଜାତି ବିଭାଗ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୧୫।୭ (ନି.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ରାଜ୍ୟ କର୍ମକର୍ତ୍ତାମ ମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରି ଅଛନ୍ତି। ଏହି କ୍ରମରେ ଜିଲ୍ଲା ପ୍ରଭାରୀ ଭାବେ, ମୟୁରଭଞ୍ଜ ପୂର୍ବ–ତୁଷାରକାନ୍ତି ତପସ୍ୱୀ, ମୟୁରଭଞ୍ଜ ପଶ୍ଚିମ-କ୍ଷୀରୋଦ ଚନ୍ଦ୍ର ପାତ୍ର, ବାଲେଶ୍ୱର- ଶ୍ରୀମତୀ ଜାନକୀ ମଲ୍ଲିକ, ଭଦ୍ରକ-ସୁବ୍ରତ ଧଡ଼ା, ଯାଜପୁର-ହରିହର ମଣ୍ଡଳ, କଟକ-ସୁଦର୍ଶନ ଜେନା ଏବଂ ଉମାକାନ୍ତ ମଲ୍ଲିକ, କଟକ ନଗର-ଅଶୋକ କୁମାର ନାୟକ, ଶିବ ପ୍ରସାଦ ବେହେରା ଓ ମୂରଲୀଧର ସେଠୀ, କେନ୍ଦ୍ରାପଡ଼ା-ବାବୁଲି ମଲ୍ଲିକ, ଜଗତସିଂହପୁର- ଅନିଲ ନାୟକ, ଭୁବନେଶ୍ୱର-ସୁଦର୍ଶନ ଜେନା (ପୂର୍ବତନ ବିଧାୟକ) ଓ ଆଶିଷ ମଲ୍ଲିକ, ଖୋର୍ଦ୍ଧା-ଦୀନବନ୍ଧୁ ଅଧିକାରୀ, ପୁରୀ-ଶ୍ରୀବତ୍ସ ମଲ୍ଲିକ, ନୟାଗଡ଼-ବସନ୍ତ ମଲ୍ଲିକ, ଗଞ୍ଜାମ ପୂର୍ବ-ମହେନ୍ଦ୍ର ଦଳାଇ, ଗଞ୍ଜାମ ପଶ୍ଚିମ-ତାପସ ସେଠୀ, ଗଜପତି- ଭୋକାଲି ସେଠୀ, କନ୍ଧମାଳ-ଦେବବ୍ରତ ବେହେରା, ବୌଦ୍ଧ- ଭାଗିରଥି ବେହେରା, ରାୟଗଡ଼ା- ଲକ୍ଷ୍ମଣ ଭରାସାଗର, କୋରାପୁଟ-ରାମଲାଲ ସୁନାନୀ,ନବରଙ୍ଗପୁର-ସାଉଲ ମଙ୍ଗରାଜ, ମାଲକାନଗିରି-ବସନ୍ତ ସେଠୀ, କଳାହାଣ୍ଡି- ହିରାସିଂ ମଣ୍ଡଳ, ନୂଆପଡ଼ା- ଚିତ୍ତରଞ୍ଜନ ନିଆଲ,ବଲାଙ୍ଗୀର-ରଘୁନାଥ ପାତ୍ର, ସୋନପୁର-କ୍ଷୀରୋଦ ପାତ୍ର, ବରଗଡ଼-ଓମପ୍ରକାଶ କୁମ୍ଭାର, ସମ୍ବଲପୁର-ଗୋବିନ୍ଦ ନାୟକ, ଝାରସୁଗୁଡ଼ା-ଗଜେନ୍ଦ୍ର ତନ୍ତି, ଦେବଗଡ଼- ନିଳକଣ୍ଠ ନାୟକ, ସୁନ୍ଦରଗଡ଼-ସନାତନ ମହାନନ୍ଦ, ରାଉରକେଲା-ରଞ୍ଜନ ସେଠୀ, ଅନୁଗୁଳ-କୈଳାସ ନାୟକ, ଢ଼େଙ୍କାନାଳ-ଏଲ୍.ମାଣିକପ୍ରଭା, କେନ୍ଦୁଝର-ରାଜେନ୍ଦ୍ର ଜେନା ନିଯୁକ୍ତି ପାଇଅଛନ୍ତି। ସମସ୍ତ ଜିଲ୍ଲା ପ୍ରଭାରୀଙ୍କୁ ଜଣେ କିମ୍ବା ଦୁଇଜଣ ରାଜ୍ୟ ସମ୍ପାଦକ ସହଯୋଗ କରିବେ। ଏତଦବ୍ୟତୀତ ମିଡିଆ ଓ ଯୋଗାଯୋଗ-ତାପସ ସେଠୀ ଓ ଶୁଭ୍ରାଂଶୁ ଶେଖର ନାୟକ, ସାମାଜିକ ଗଣମାଧ୍ୟମ-ତୁଷାରକାନ୍ତୀ ତପସ୍ୱୀ, ଆଶିଷ ମଲ୍ଲିକ ଓ ସାଉଲ ମଙ୍ଗରାଜ, କାର୍ଯ୍ୟାଳୟ ପ୍ରଶାସନ-କ୍ଷୀରୋଦ ଚନ୍ଦ୍ର ପାତ୍ର, ଦେବେନ୍ଦ୍ର ପ୍ରସାଦ ଦାସ ଓ ଦେବାଶିଷ ମଲ୍ଲିକ, ଦଳିତ ମହିଳା ନୂତନ ସଦସ୍ୟତା ଅଭିଯାନ- ଜାନକୀ ମଲ୍ଲିକ, ଏଲ ମାଣିକପ୍ରଭା, ଅନୁସୂଚିତ ଜାତି ନିର୍ଯ୍ୟାତନା ନିବାରଣ ଆଇନ ସୁଚାରୁ କାର୍ଯ୍ୟକାରିତା-ଆଇନଜୀବି ଅଶୋକ ନାୟକ, ଆଇନଜୀବି ହିରାସିଂ ମଣ୍ଡଳ, ଆଇନଜୀବି ଭୋକାଲି ସେଠୀ, ଆଇନଜୀବି ଚିତ୍ତରଞ୍ଜନ ନିଆଲ, ଆଇନଜୀବି ବସନ୍ତ ମଲ୍ଲିକ, ଆଇନଜୀବି ସଂଜୟ ମଲ୍ଲିକ, ଆଇନଜୀବି ଦେବାଶିଷ ମଲ୍ଲିକ, ଆଇନଜୀବି ବିକ୍ରମ ମଲ୍ଲିକ, ଆଇନଜୀବି ବିମଳେନ୍ଦୁ ଅଧିକାରୀ, ଆଇନଜୀବି ସୁରେଶ ମହାନନ୍ଦ ଓ ଆଇନଜୀବି ଶଶିକାନ୍ତ ଜେନା ନିଯୁକ୍ତି ପାଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଅଛନ୍ତି।



# ଆଶାନ୍ତ ସମୁଦ୍ରର ତାଣ୍ଡବରେ ବେଳାଭୂମି ଅବକ୍ଷୟ... ପୁଣି ପୋଡମପେଟା ଗ୍ରାମ ଆଡକୁ ମାଡି ଆସୁଛି ସମୁଦ୍ର



ଗଞ୍ଜାମ, (ମନ୍ଥନ ନ୍ୟୁଜ): ଗଞ୍ଜାମ ଜିଲ୍ଲା ର ବଙ୍ଗୋପ ସାଗରରେ ଉଚ୍ଚ ଲହଡି ମାଡ଼ ରେ ସମୁଦ୍ର ଗର୍ଭରେ ବେଳାଭୂମି ଅବକ୍ଷୟ ହୋଇପଡୁଥିବା ଦେଖିବାକୁ ମିଳିଛି । ଋଷିକୁଲ୍ୟା ମୁହାଁଣ ଅଞ୍ଚଳ ଗଞ୍ଜାମ ବ୍ଲକ ର ପୁରୁଣା ପୋଡମ ପେଟା ଗ୍ରାମ ସମୁଦ୍ରର ଆଁ ମଧ୍ୟରେ ଲୀନ ହୋଇଯାଇଥିବା ବେଳେ ବର୍ଷା ଦିନ ଯୋଗୁଁ ସମୁଦ୍ର ରେ ଉଚ୍ଚ ଲହଡି ସୃଷ୍ଟି ହୋଇ ପୁଣି ପୁରୁଣା ପୋଡମ ପେଟା ଗ୍ରାମ ଆଡକୁ ସମୁଦ୍ର ମାଡି ଆସୁଥିବା ଲକ୍ଷ କାରାଯାଉଛି । ସ୍ଥାନୀୟ ଅଞ୍ଚଳରେ ହେନ୍ତାଳ ବଣରୁ କାଜୁ ଗଛ ଜୁଆର ମାଡ଼ ରେ ଲୋଟି ପଡୁଥିବା ବେଳେ ପୁଣି ପୁରୁଣା ପୋଡମପେଟା ଗ୍ରାମର ବାକି ରହିଯାଇଥିବା ଘର ଗୁଡିକ ସମୁଦ୍ର ଜୁଆର ମାଡ଼ରେ ସମୁଦ୍ର ଆଁ ମଧ୍ୟରେ ଲୀନ ହୋଇଯାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ଉକ୍ତ ଗ୍ରାମବାସୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିକଟସ୍ଥ ମୟୁରପଦା ନିକଟସ୍ଥ ସାହେବ କେନାଲ ପାର୍ଶ୍ୱରେ ଓଡ଼ିଆରପି କଲୋନୀ ଏବ ରାମଗଡ଼ପଞ୍ଚାୟତ ପାହାଡ଼ ପାଦ ଦେଶରେ ଥଇଥାନ କରାଯାଇଛି । ସ୍ଥାନୀୟ ଅଞ୍ଚଳ ସମେତ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ର ଆର୍ଜପଲ୍ଲୀ ଓ ଚିକିଟି ବ୍ଲକ ର ରାମେୟା ପାଟଣା ଜନ ବସତି ଆଶାନ୍ତ ସମୁଦ୍ର ବିପଦ ସୃଷ୍ଟି କରୁଛି । ଫଳରେ ସମୁଦ୍ର କୁଳିଆ ଗ୍ରାମବାସୀଙ୍କ ପାଇଁ ବିପଦ ରହିଥିବା ଅଞ୍ଚଳ ବାସୀ ଆଶଙ୍କାରେ ରହିଥିବା ପ୍ରତିୟ ମାନ ହେଉଛି ।

# ନୂଆଗାଁରେ କିଛି ଲୋକଙ୍କ କୋର୍ଟ ଆଦେଶକୁ ଅବମାନନା

ଜଗତସିଂହପୁର, (ମନ୍ଥନ ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକର ନୂଆଗାଁରେ ସାମ୍ବାଦିକ ଅରକ୍ଷିତ ସ୍ୱାଇଁଙ୍କ ଘରକୁ ଯିବା ରାସ୍ତାରେ କିଛି ଲୋକ ଜୋର ଜବରଦସ୍ତ ଅସ୍ଥାୟୀ ଘର ନିର୍ମାଣ କରିଛନ୍ତି । ମାନ୍ୟବର କୋର୍ଟ ଏହି ଜାଗା ଉପରେ ଇଞ୍ଜେକସନ ସୁଟ କରିଥିଲେ ମଧ୍ୟ ପ୍ରାୟ ୧୫ ଜଣ ପୁରୁଷ ସ୍ତ୍ରୀ ପିଲାଙ୍କୁ ମେଳି କରି ସେଠାରେ ସିମେଣ୍ଟ ଖୁଣ୍ଟ ଓ କାଠ ପୋତି ଘର ନିର୍ମାଣ କରିଛନ୍ତି । ଅଭୟ ଚାନ୍ଦପୁର ଥାନାର ପୋଲିସ କର୍ମଚାରୀ ଖବର ପାଇ ସେଠାରେ ପହଞ୍ଚି ଲୋକଙ୍କୁ ବାରଣ କରିଥିଲା । ମାତ୍ର ପୋଲିସ ଚାଲିଯିବା ପରେ ସେହି ଲୋକମାନେ ପୁନର୍ବାର ଘର ନିର୍ମାଣ କରିଥିଲେ । ଅରକ୍ଷିତ ସ୍ୱାଇଁଙ୍କ ପରିବାର ସଦସ୍ୟଙ୍କୁ ଗାଳିମନ୍ଦ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି । ଏପରିକି ଗାଁ ଛାଡ଼ି ଚାଲିଯିବାକୁ ଧମକାଇଛନ୍ତି । ସେହି ତଥାକଥିତ ଲୋକଙ୍କ କଙ୍ଗାରୁ କୋର୍ଟରେ ଅରକ୍ଷିତ ଏବଂ ତାଙ୍କ ପରିବାର ସଦସ୍ୟ ମାନସିକ ଯନ୍ତ୍ରଣା ପାଇବା ସହ ଦଣ୍ଡିତ ହୋଇଛନ୍ତି । ଅରକ୍ଷିତଙ୍କ ଧର୍ମପତ୍ନୀ ଗୋଲାପ ରାଣୀ ରାଉତ ଏନେଇ ଅଭୟ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏହି ପରିବାରକୁ ସୁରକ୍ଷା ଦେବା ପରିବର୍ତ୍ତେ ନୀରବ ଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ।



# ବାବା ଅଖଣ୍ଡଳେଶ୍ୱର ପାଇକ ସଂଘବୈଠକ

କୃଷ୍ଣପ୍ରସାଦ, (ମନ୍ଥନ ନ୍ୟୁଜ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବାବା ଆଖଣ୍ଡଳେଶ୍ୱର ପାଇକ ସଂଘ ର ବୈଠକ ମାଲୁଦ ମେଳଣ ପଡିଆ ରେ ହୋଇଯାଇଛି । ସଂଘ ସଭାପତି ଯୋଗେନ୍ଦ୍ର ନାଥ ବୈରୀଗଞ୍ଜନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ପାଦକ - ସୁକାନ୍ତ କୁମାର ଜେନା, ରାଜ୍ୟ ସଂଯୋଜକ - ସୁବାସ ଚନ୍ଦ୍ର ଜେନା, ଉପସଭାପତି - ସନାତନ ତରେଇ, ପାଇକ ଗୁରୁ ଅଶୋକ କୁମାର ଜେନା, ପଞ୍ଚୁ ପଲେଇ, ରମେଶ ଚନ୍ଦ୍ର ବିଶ୍ୱାଳ, ହଳଧର ବିଶ୍ୱାଳ, ଭ୍ରମର ବର ଜେନା, ବିଶ୍ୱନାଥ ବିଶ୍ୱାଳ ପ୍ରଭୃତି ବହୁ ପାଇକ ଗୁରୁ, ପାଇକ ଯୋଗ ଦେଇଥିଲେ । ପୂର୍ବତନ ପାଇକ ସଂଘ ସଭାପତି ଦୁଃଶାସନ ଦାସ ଙ୍କ ମୃତ୍ୟୁରେ ଶୋକ ସଭା ହୋଇଥିଲା । ଉକ୍ତ ସଭାରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିଲା । ଇତିହାସ ରୁ ଜଣାଯାଏ ଦେଶ କୁ ସ୍ୱାଧୀନ ଆଣିବାରେ ପାଇକ ବିଦ୍ରୋହ ର ମୁଖ୍ୟ ଭୂମିକା ଥିଲା । ସରକାର ପାଇକ ଗୁରୁଙ୍କୁ ଭତ୍ତା ପ୍ରଦାନ କରୁଥିବା ବେଳେ ଅଭାବ ରେ ଦିନ କାଟୁଥିବା ୫୦୦ ରୁ ଅଧିକ ପାଇକ ଗୁରୁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଅନ୍ୟ ପକ୍ଷରେ ପରମ୍ପରିକ ପାଇକ ଶିକ୍ଷା ପାଇଁ ପାଇକ ଗୃହ, ପାଇକ ଗୁରୁ ନିଯୁକ୍ତି ପାଇଁ ସରକାରଙ୍କୁ ଦାବି ରଖିବା ପାଇଁ ନିଷ୍ପତି ହୋଇଥିଲା । ଖୁବ ଶୀଘ୍ର ସ୍ଥାନୀୟ ବିଧାୟକ, ସାଂସଦ, ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେବାକୁ ସ୍ଥିର ହୋଇଛି ।



# ସୌମ୍ୟଶ୍ରୀଙ୍କ ବିୟୋଗରେ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା,ସାମିଲ ହେଲେ ଶତାଧିକ ମହିଳା, ଛାତ୍ର, ଯୁବକ




ଦଶପଲ୍ଲା : (ମନ୍ଥନ ନ୍ୟୁଜ): ମୃତ୍ୟୁ ସହିତ ୬୦ ଘଣ୍ଟାର ଲଢେଇ କରି ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭୋଗରାଇ ବ୍ଲକର ଛାତ୍ରୀ ସୌମ୍ୟାଶ୍ରୀ ବିଶି ।ସୋମବାର ବିଳମ୍ବିତ ରାତିରେ ଏମସ କତୃପକ୍ଷ ତାଙ୍କୁ ମୃତ (କ୍ଲିନିକାଲ ଡେଥ ) ଘୋଷଣା କରିଥିଲେ ।ବିଳମ୍ବିତ ରାତ୍ରିରେ ଏହି ଖବର ଶୁଣିବା ପରେ ସମସ୍ତେ ସ୍ତମ୍ଭିଭୂତ ହୋଇଯାଇଥିବା ବେଳେ ୧୨ ତାରିଖ ମଧ୍ୟାହ୍ନରେ ପୀଡ଼ିତା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ।ଏହି ଦୁଃଖଦ ଖବର ଏବେ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିବା ବେଳେ ଆଜି ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଟାକରା ମେଡିକାଲ ଠାରୁ ଆରମ୍ଭ କରି ଗୋପାଳପୁର, ରଥିପୁର ଅଞ୍ଚଳ ପରିକ୍ରମା କରି ଟାକରା ବଜାର ପରିକ୍ରମା କରି ଏହି ଶୋଭାଯାତ୍ରା ଶେଷରେ ଟାକରା ସ୍ଥିତ ବାବା ସିଦ୍ଧେସ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲା । ସେଠି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ରଖିଥିଲେ ଟ୍ରଷ୍ଟର ସଭ୍ୟ ଓ ଉପସ୍ଥିତ ମହିଳା, ଯୁବକ ଓ ଛାତ୍ର । ଉକ୍ତ କାର୍ଯ୍ୟକ୍ରମରେ ଟାକରା ଗ୍ରାମପଂଚାୟତ ସରପଞ୍ଚ ମଦନ କୁମାର ଯାନୀ ଯୋଗଦେଇଥିବା ବେଳେ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟ, ସମ୍ପାଦକ ନିହାର ରଞ୍ଜନ ମହାନ୍ତି, ସଭ୍ୟ ମାନସ କୁମାର ପରିଡ଼ା, ଚନ୍ଦନେଶ୍ୱର ଦାସ, ମନ୍ମଥ କୁମାର ସାହୁ, ସନ୍ତୋଷ କୁମାର ସାହୁ, ଚନ୍ଦ୍ର ଶେଖର ନାଏକ, ଛବିରାଜ ସାହୁ, ସମ୍ବିତ ଭଞ୍ଜ, ବିଦ୍ୟାଧର ମୁଦୁଲି,ନାରାୟଣ ସାହୁ, ରାଜ କିଶୋର ବେହେରା, ସତ୍ୟବ୍ରତ ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ପରାମର୍ଶ ଦାତା କମିଟି ସଭ୍ୟ ପ୍ରମୋଦ କୁମାର ସାହୁ, ରତ୍ନାକର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ଚନ୍ଦ୍ର ବାରିକ ଙ୍କ ଭଳି ଶତାଧିକ ସମାଜସେବୀ, ବୁଦ୍ଧିଜୀବୀ, ଛାତ୍ର, ଯୁବକ, ମହିଳା ସାମିଲ ହୋଇଥିଲେ । କ୍ୟାଣ୍ଡେଲ ଶୋଭାଯାତ୍ରା ପରେ ବାବା ସିଦ୍ଧ ?ଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିରବ ପ୍ରାର୍ଥନା କରାଯିବା ସହିତ ସୌମ୍ୟାଶ୍ରୀ ଙ୍କ ପରିବାର ଲୋକଙ୍କୁ ୧କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଉପସ୍ଥିତ ଜନସାଧାରଣ ଗଣମାଧ୍ୟମ ସମ୍ମୁଖରେ ଦାବି ରଖିବା ସହିତ ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ରଖିଥିଲେ ।

# ନିମାପଡ଼ା କଲେଜରେ ଛାତ୍ରୀ ଆତ୍ମହତ୍ୟା ପରେ ପ୍ରତିବାଦ, ସୁରକ୍ଷା ଓ ନ୍ୟାୟ ଦାବି




ଗୋପ, (ମନ୍ଥନ ନ୍ୟୁଜ):ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଛାତ୍ର-ଛାତ୍ରୀମାନେ ଜୋରଦାର ପ୍ରତିବାଦ କରିଛନ୍ତି । ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଖିଳ ଭାରତ ଛାତ୍ର ସଂଘ ୟୁନିଟ ପକ୍ଷରୁ ସୋନାଲି ପ୍ରଧାନଙ୍କ ନେତୃତ୍ୱରେ ଆଜି ମହାବିଦ୍ୟାଳୟର ମୁଖ୍ୟ ଫାଟକ ସାମ୍ନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ଆତ୍ମହତ୍ୟା ଘଟଣାକୁ କେନ୍ଦ୍ରକରି ଛାତ୍ରଛାତ୍ରୀ ମାନେ କଲେଜ ପ୍ରଶାସନ, ପୋଲିସ୍ ଏବଂ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ତୀବ୍ର ଅଭିଯୋଗ ଉଠାଇଛନ୍ତି । ପ୍ରତିବାଦକାରୀ ଛାତ୍ର ଛାତ୍ରୀ ମାନେ କହିଛନ୍ତି ଯେ, ଉକ୍ତ ଛାତ୍ରୀ ସୌମ୍ୟାଶ୍ରୀ ତଳ ସ୍ତର ଠାରୁ ଆରମ୍ଭ କରି ବଡ଼ବଡ଼ିଆ ବାବୁଙ୍କ ପର୍ଯ୍ୟନ୍ତ, କଲେଜ ଅଧ୍ୟକ୍ଷଙ୍କ ଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ନିଜ ଅଭିଯୋଗ ଜଣାଇଥିଲେ । ମାତ୍ର କେହି ତାଙ୍କ ପ୍ରତି ସଠିକ୍ ଧ୍ୟାନ ଦେଇନଥିବାରୁ ଶେଷରେ ତାଙ୍କୁ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ । ଏହି ଘଟଣା ପରେ ଛାତ୍ରମାନେ ପଚାରିଛନ୍ତି,'ଆମ ସୁରକ୍ଷା କାହା ଦାୟିତ୍ୱ ଅଖିଳ ଭାରତ ଛାତ୍ର ସଂଘର ସାଂସ୍କୃତିକ ସଂଯୋଜିକା ସୋନାଲି ପ୍ରଧାନ କହିଛନ୍ତି, ।'ଆଗାମୀ ଦିନରେ ନିମାପଡ଼ା କଲେଜରେ ଯେପରି ଏଭଳି ଘଟଣା ଆଉ ନଘଟେ, ସେଥିପାଇଁ ଛାତ୍ରୀମାନଙ୍କ ଏକତା ଦୃଢ଼ ହେବା ଜରୁରୀ । ସଂଘ ତରଫରୁ ନିମ୍ନଲିଖିତ ଦାବିସମୂହ ଉପସ୍ଥାପନ କରାଯାଇଛି । ଯୌନ ଶୋଷଣ ନିରୋଧକ ଆଇନ ମାନସିକ ନିର୍ଯାତନା ନିରୋଧ କମିଟି ଛାତ୍ର ଛାତ୍ରୀ ପ୍ରତିନିଧିଙ୍କୁ ସାମିଲ କରାଯିବା ।,ମହିଳା ସୁରକ୍ଷା ପାଇଁ କଲେଜ ପ୍ରଶାସନ କଠୋର ନୀତି ପ୍ରଣୟନ କରିବା । ଘଟଣାର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡିତ କରାଯିବା । ଏହି ପ୍ରତିବାଦରେ ସୌମ୍ୟା ଶାଶ୍ୱତୀ ସାହୁ, ପୁଜା ବିଶ୍ୱାଳ, ସୋନାଲି ସାହୁ, ସଙ୍ଗୀତା ପାତ୍ର, ବିଶ୍ୱଭୂଷଣ ମହାରଣା, ସୋରୁପ ବେଉରା, ସତ୍ୟ ମିଶ୍ର, ମୁକେଶ ଭୋଇ, ସୋମେଶ ସ୍ୱାଇଁ ସମେତ ପ୍ରାୟ ୧୦୦ରୁ ଅଧିକ ଛାତ୍ର-ଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନେ କହିଛନ୍ତି ଯେ ଯଦି ଜଲ୍ଦି କାର୍ଯ୍ୟକାରୀ ପଦକ୍ଷେପ ନିଆନଯାଏ, ତେବେ ବିରୋଧ ପ୍ରଦର୍ଶନ ଜାରି ରଖାଯିବ ।ଏହି ଘଟଣା ପରେ ଛାତ୍ର ସୁରକ୍ଷା, ମହିଳା ସଶକ୍ତିକରଣ ଓ ଶିକ୍ଷାନୁଷ୍ଠାନର ଦାୟିତ୍ୱଶୀଳତା ନେଇ ପୁନର୍ବାର ପ୍ରଶ୍ନ ଉଠିଛି । ସ୍ଥାନୀୟ ପୋଲିସ୍ ଏବଂ କଲେଜ ପ୍ରଶାସନ ଏହି ବିଷୟରେ କୌଣସି ପ୍ରତିକ୍ରୀୟା ଦେଇନାହାନ୍ତି ।

# କେନ୍ଦୁଝରଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

କେନ୍ଦୁଝର,(ମନ୍ଥନ ନ୍ୟୁଜ): କେନ୍ଦୁଝର ସ୍ଥିତ ଖଣିଜ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଥିବା ସେଣ୍ଟ୍ରାଲ ଟୁଲ ରୁମ ଟ୍ରେନିଂ ସେଣ୍ଟରଠାରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି । କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା ବେଳେ ସମ୍ମାନନୀୟ ଅତିଥି ଭାବେ ଖଣି ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମନ୍ମଥ ମାଝୀ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଗଣେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଟିଟିସି ପରିଚାଳକ ପବିତ୍ର ମୋହନ ବେହେରା ସହଯୋଗ କରିଥିଲେ ।




# ପଶ୍ଚିମ ଓଡ଼ିଶା କନଷ୍ଟ୍ରକସନ କର୍ମଚାରୀ ସଂଘର ବୈଠକ

ସୁବର୍ଣ୍ଣପୁର,( ମନ୍ଥନ ନ୍ୟୁଜ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୁତମେଣ୍ଡା ମେଟାକାନି ଠାରେ ପଶ୍ଚିମ ଓଡ଼ିଶା କନଷ୍ଟ୍ରକସନ କର୍ମଚାରୀ ସଂଘ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ନୀଳାଚଳ ପ୍ରଧାନ ପୌରୋହିତ୍ୟ କରିଥିଲେ । ବୈଠକ ରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା । ସଂଘରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅଧିକରୁ ଅଧିକ କର୍ମଚାରୀ ଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଘର ସଦସ୍ୟ ରାଜ କୁମାର ମେଣ୍ଡିଲି,ଭରଦ୍ୱାଜ ସାମନ୍ତରା, ରାଜ କୁମାର ଭୋଇ,ଅଜିତ କୁମାର ସାହୁ,ଘନଶ୍ୟାମ, ରୁପେନ କର୍ଣ୍ଣ ପ୍ରମୁଖ ସଂଘର ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ । ସୁବାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ସୁପ୍ତ ?ଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ପଶ୍ଚିମ ଓଡ଼ିଶା ର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ ।



# ବାଇଓମେଟ୍ରିକର ଅପବ୍ୟବହାର, ସ୍ୱାସ୍ଥ୍ୟ ବିଭାଗର ଅବହେଳା, ଫାଇଦାରେ ବିଭାଗୀୟ ଉଚ୍ଚକର୍ମଚାରୀ

କୋରାପୁଟ,(ମନ୍ଥନ ନ୍ୟୁଜ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅବହେଳା କାର୍ଯ୍ୟାଳୟର ଉଚ୍ଚଅଧିକାରି ମାନଙ୍କୁ ବେଶ ଫାଇଦା ଦେଉଛି ।ସ୍ୱାସ୍ଥ୍ୟ ବିଭାଗରେ କର୍ମଚାରିମାନଙ୍କୁ କାର୍ଯ୍ୟରେ ଅବହେଳା ନ କରିବା ଓ ଉପସ୍ଥାନ ରହିବାର ମାଧ୍ୟମ କୁ ନେଇ ବାଇଓମେଟ୍ରିକ ର ପ୍ରାୟ ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଲଗାଯାଇଛି ।କିନ୍ତୁ ବାଇଓମେଟ୍ରିକକୁ କେବଳ ତଳ ଶ୍ରେଣୀର କର୍ମଚାରି ବ୍ୟବହାର କରୁଥିବା ବେଳେ ଡାକ୍ତର ସାରମାନେ ବ୍ୟବହାର କରୁ ନଥିବା ଭଳି ସଙ୍ଗିନ ବିଷୟ ବିଭିନ୍ନ ସମୟରେ ଆଲୋଚନାର ଶିର୍ଷକ ପାଲଟିଛି, ଯାହାକୁ ନେଇ ରାଜ୍ୟ ସରକାରଙ୍କୁ କର୍ତବ୍ୟରେ ଅବହେଳା କରୁ ଥିବା ଓ ଅନ୍ୟାୟସରେ ରାଜସ୍ୱ ଲୁଟ କରାଯାଉଥିବା ଚର୍ଚ୍ଚାଜୋର ଧରିଛି । ରାଜ୍ୟରେ ପ୍ରତ୍ୟେକ ସରକାରି କର୍ମଚାରି ନିଜର କାର୍ଯ୍ୟରେ କର୍ତବ୍ୟ ନିଷ୍ଠା ରହିବା ଓ ନିଜର ଉପସ୍ଥାପନାକୁ ଜାହିର କରିବା ନେଇ ଏହି ବାଇଓମେଟ୍ରିକର ମାଧ୍ୟମ ନିଆଯାଇଛି । ଜିଲ୍ଲାର ପ୍ରତ୍ୟେକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାକୁ ଲଗାଇଯାଇଛି । ଯେଉଁଠି ଏହାକୁ ବ୍ୟବହାର କରିବା ନେଇ ଲଗା ଯାଇଛି ସେହି ସ୍ଥାନରେ ତଳ ତଳୁଆ ତଥା ୩ୟ ଓ ୪ର୍ଥ ଶ୍ରେଣି କର୍ମଚାରି ନିଜର ଉପସ୍ଥାନକୁ ଜାହିର କରୁଛନ୍ତି କିନ୍ତୁ ଉଚ୍ଚ ଅଧିକାରିମାନେ ବ୍ୟବହାର କରୁ ନଥିବା ଆଲୋଚନା ଶିର୍ଷ ହେଉଥିବା ଜାଣିବାକୁ ମିଳିଛି । ରାଜ୍ୟ ସରକାର କେବିକେ ଅଂଚଳରେ ଅଧିକାରି ମାନଙ୍କୁ କାର୍ଯ୍ୟ କରିବାର ମନୋବଳ ବଢାଇବାରେ ଅତିରିକ୍ତ ହଜାର ହଜାର ଅର୍ଥ ମାସକୁ ବ୍ୟୟ କରୁଛନ୍ତି । କିନ୍ତୁ ନିଜର ବେସ ଫାଇଦା ନେବା ନେଇ ଲଗାଯାଇଥିବା ବାଇଓମେଟ୍ରିକ ବ୍ୟବହାର କରୁ ନାହାନ୍ତି । ଏଥିରୁ ଅନୁମାନ କରିବା ହେବ ଯେ, ଯେଉଁମାନେ ଏହାକୁ ବ୍ୟବାହର କରୁ ନାହାନ୍ତି ତେବେ ସେମାନେ କାର୍ଯ୍ୟରେ ଅବହେଳା କରୁଥିବା ନଚେତ ଠିକ ସମୟରେ ଯୋଗଦାନ ନ ରହୁଥିବା ସୂଚିତ କରୁଛି । ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ରାଜସ୍ୱ ରୁ ବିନା କାରଣରେ କୋଟି କୋଟି ଅର୍ଥ ବେକାରରେ ଲୁଟି ନେଉ ଥିବା ମଧ୍ୟ ସୂଚିତ ହେଉଛି । ଅନ୍ୟପକ୍ଷରେ ଅବହେଳା କରୁଥିବା କର୍ମଚାରି ମାନଙ୍କୁ ଯାଂଚ କରିବା ସହ ମିଳୁଥିବା ଇନସେନଟିଭ କୁ ବନ୍ଦକରାଯିବା ଆବଶ୍ୟକତା ରହିଛି । ସେହିଭଳି ଏହି ବାଇଓମେଟ୍ରକ ମେସିନ ପ୍ରାୟ କେତେକାଂଶରେ ଲଗାଯାଇ ନଥିବା ମଧ୍ୟ ଅଭିଯୋଗ ଉଠିଛି । ଯେଉଁ ଠାରେ ନଲାଗିଛି ତେବେ ତୁରନ୍ତ ଲଗାଇଯାଇ ଏହାର ବ୍ୟବହାର ଉପରେ କଡା ନଜର ରଖିବାକୁ ସାଧାରଣରେ ଦାବି ଜୋର ଧରିଛି । ଲଗାଯାଇଥିବା ସ୍ୱାସ୍ଥ୍ୟ ବିଭାଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବାଇଓ ମେଟ୍ରିକ ଉପରେ ଯାଂଚ ତୁରନ୍ତ କରାଯିବା ଓ ବ୍ୟବହାର କରୁ ନଥିବା ଅଧିକାରିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜନିତିମହଲରେ ଚର୍ଚ୍ଚା ଜୋର ଧରିଥିବା ଜଣାଯାଇଛି । ଏହି ଖବରକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରି ଡଃ. ରବି ନାରାୟଣମିଶ୍ରଙ୍କୁ ପଚାରିବାରେ ସେ କହିଥିଲେ ଯେ, ନିଶ୍ଚିତ ଭାବରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହାର ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କିଛି ଅନୁଷ୍ଠାନ ସ୍ୱାସ୍ଥ୍ୟ ମନ୍ତ୍ରୀଓ ମୁଖ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇବା ନେଇ ପ୍ରସ୍ତୁତ ହେଉଥିବା ମଧ୍ୟ ଖବର ଜୋର ଧରିଛି ।

# ମୁକୁଳା ପଡ଼ିଛି ଚିଲିକା ରିଙ୍ଗ ବନ୍ଧ

କୃଷ୍ଣପ୍ରସାଦ, (ମନ୍ଥନ ନ୍ୟୁଜ): ଦୀର୍ଘ ବର୍ଷ ଧରି ଚିଲିକା ରିଙ୍ଗ ବନ୍ଧ ମୁକୁଳା ପଡ଼ିଛି । ଚିଲିକାର ଲୁଣା ପାଣି ମାଡରେ ରିଙ୍ଗ ବନ୍ଧ ବେଳକୁବେଳ ଦୁର୍ବଳ ହେବାରେ ଲାଗିଛି । ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ପଥର ପ୍ୟାକିଙ୍ଗ ତ ଦୂରର କଥା ବିଭାଗୀୟ କର୍ତ୍ତୃପକ୍ଷ ମାଟି ଗଣ୍ଡାଏ ମଧ୍ୟ ପକାଇବାରେ ଅସମର୍ଥ ହୋଇଛନ୍ତି । ଜଳସେଚନ ବିଭାଗ ଅଧିନରେ ଏହି ରିଙ୍ଗ ବନ୍ଧଟି ରହିଛି । ରିଂ ବନ୍ଧଟିକୁ ଉଚ୍ଚା କରିବା ସହ ରିଂ ବନ୍ଧର ଦୁଇ ପାର୍ଶ୍ୱରେ ପଥର ପ୍ୟାକିଙ୍ଗ କରାଗଲେ ରିଂ ବନ୍ଧଟି ସୁଦୃଢ ହେବା ସହ ଅଞ୍ଚଳବାସୀମାନେ ବିଶେଷ ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି । ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚିଲିକା ରିଂ ବନ୍ଧର ସୁଦୃଢ଼ୀକରଣ ନିମନ୍ତେ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏଦିଗରେ ବ୍ରହ୍ମଗିରି ବିଧାୟିକା ମଧ୍ୟ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ,ପୂର୍ବତନ ସରପଞ୍ଚ କୁମାର ସିଂହ,ପୂର୍ବତନ ସମିତିସଭ୍ୟ ସୀମାଞ୍ଚଳ ନାୟକ,ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନନ୍ଦ,ବୋଇତ ବନ୍ଦାଣ କମିଟି ସଭାପତି ବାଉରିବନ୍ଧୁ ଦଳେଇ, ନାଲୁ ପାହାଣ, ଯୁବନେତା ବିପିନ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି ।



# ଛାତ୍ରୀଙ୍କୁ ନ୍ୟାୟ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ହିଞ୍ଜିଳିକାଟୁ ବିକ୍ଷୋଭ

ହିଞ୍ଜିଳିକାଟୁ, (ମନ୍ଥନ ନ୍ୟୁଜ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି । ଛାତ୍ରୀଙ୍କୁ ନ୍ୟାୟ ପାଇଁ ଜାରି ରହିଛି ପ୍ରତିବାଦ । ହିଞ୍ଜିଳି ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି । ବାଲେଶ୍ୱରର ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜୋରଦାର ପ୍ରତିବାଦ କରିଛି ଛାତ୍ର କଂଗ୍ରେସ । ହିଞ୍ଜିଳି ଛାତ୍ର କଂଗ୍ରେସ ସଭାପତି ସଞ୍ଜୟ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ହିଞ୍ଜିଳିକାଟୁ ପରିବା ବଜାର ସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ



କରି ଏକ ଶୋଭାଯାତ୍ରା ରେ ବାହାରି ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ପ୍ରତିବାଦ କରିଥିଲେ । ହିଞ୍ଜିଳିକାଟୁ କଲେଜ ସାମ୍ନାରେ ଛାତ୍ର କଙ୍ଗ୍ରେସ ପକ୍ଷରୁ ଗେଟ ଆଗରେ ଏହି ପ୍ରତିବାଦ କରାଯାଇଥିବା ଦେଖିବାକୁ ମିଳିଥିଲା । ଅପାରଗ ସରକାର ରାଜ୍ୟରେ କଲେଜ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ବୋଲି ହିଞ୍ଜିଳି ଛାତ୍ର କଙ୍ଗ୍ରେସ ଅଭିଯୋଗ ଆଣି ଉଭୟ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଛନ୍ତି । ଏଥିସହ ସମସ୍ତ ଦୋଷୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଏହି ଅବସରରେ ଛାତ୍ର କଙ୍ଗ୍ରେସ ପକ୍ଷରୁ ଆକାଶ ସେଠୀ, ବିରେନ୍ଦ୍ର ରାଉତ,ରାମ ପାଣିଗ୍ରାହୀ,କୁଲୁ ବେହେରା,ରାଜା ସ୍ୱାଇଁ,ରାଜା ବେହେରା ଙ୍କ ସହ ବହୁ ଛାତ୍ର ନେତା ଉପସ୍ଥିତ ଥିଲେ ।

# ରାଧାକୃଷ୍ଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି

ବ୍ରହ୍ମପୁର: ପୋଲସରା ବ୍ଲକ୍ କେନ୍ଦୁବାଡି ଗ୍ରାମପଞ୍ଚାୟତ ସ୍ଥିତ ଶ୍ରୀ ରାରାଧାକୃଷ୍ଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛିଧାକୃଷ୍ଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ଓ ପରିସ୍ଥିତିର ମୁକାବିଲାକୁ ନେଇ ପୋଲସରା ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦକ୍ଷିଣ ଘୁମୁସର ବନଖଣ୍ଡ ଭଞ୍ଜନଗର ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପୋଲସରା ଗୋଷ୍ଠୀ ଶିକ୍ଷାଧିକାରି ଶ୍ରୀହର୍ଷବାବୁ ଖାଡଙ୍ଗା ସମ୍ମାନୀତ ଅତିଥିଭାବେ ପୋଲସରା ବନାଞ୍ଚଳ ଅଧିକାରୀ ଅନୀଲ କୁମାର ପଣ୍ଡା, ବନପାଳ ମୁନା ଦାଶ, ପୂର୍ବତନ ସରପଞ୍ଚ ବିଜୟ



କୁମାର ସ୍ୱାଇଁ ଅବସର ପ୍ରାପ୍ତ ଶିକ୍ଷକ ସୂର୍ଯ୍ୟମଣି ମହାନ୍ତି ଓ ଶିକ୍ଷକ ପ୍ରଭାତ କୁମାର ଗୌଡ଼ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ବୃନ୍ଦ ବନମହୋତ୍ସବର ମୂଳ ଲକ୍ଷ୍ୟ, ପରିବେଶ ପାଇଁ ଗଛର ଆବଶ୍ୟକତା କାହିଁକି ଅତିଜରୁରୀ ଅଟେ ସେସବୁ ଉପରେ ନିଜନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିବାସହ ସରକାରଙ୍କ ମା ପାଇଁ ଗଛ ଟିଏ ସ୍ଲୋଗାନକୁ ସଫଳ କରିବାପାଇଁ ପ୍ରତ୍ୟେକ ବ୍ୟକ୍ତି ମୁଣ୍ଡପିଛା ଅତି କମରେ ଗୋଟାଏ ଲେଖାଏଁ ବୃକ୍ଷ ରୋପଣ କରିବାସହ ଉଚିତ୍ ଯତ୍ନ ନେବାକୁ ଅନୁରୋଧ କରିଥିଲେ । ପରେ ଅନୁଷ୍ଠାନ ପରିସର ମଧ୍ୟରେ ବିଭିନ୍ନ ପ୍ରକାର ଚାରାରୋପଣ ଅତିଥିମାନେ ଏବଂ ସମସ୍ତ ଶିକ୍ଷକ ବୃନ୍ଦଙ୍କ ସମେତ ଛାତ୍ରଛାତ୍ରୀମାନେ ଲଗାଇଥିଲେ । ଏତଦ ବ୍ୟତୀତ ବିଦ୍ୟାଳୟର ଛତ୍ରପୁର ଛାତ୍ରୀମାନଙ୍କ ଦ୍ୱାରା ପରିବେଶ ଓ ଜଙ୍ଗଲ ସୁରକ୍ଷାକୁ ନେଇ ଏକ ସଚେତନତା କ୍ଷୁଦ୍ର ନାଟକ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଶିକ୍ଷକ ବିପିନ ବିହାରୀ ସାହୁ ସଭାପତିତ୍ୱ କରିଥିବାବେଳେ ତଥା ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ହିନ୍ଦୀ ଶିକ୍ଷକ ହେମନ୍ତ ନାୟକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଆତଙ୍କୀ ଚେତାବନୀ

ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ବଦ୍ଧପରିକର ଭାରତ ଓ ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ ଓ ପହଲଗାମ ଘଟଣା ପରେ ଅପେରସନ ସିନ୍ଦୁର ଥିଲା ବଳିଷ୍ଠ ତଥା ଦୃଢ ସାମରିକ ପଦକ୍ଷେପ ଓ ପାକିସ୍ତାନ ପ୍ରୋତ୍ସାହିତ ଆତଙ୍କବାଦୀ ଅଡ୍ଡାସ୍ଥଳ ଉପରେ ଭାରତର ଆକ୍ରମଣ ପରେ ମଧ୍ୟ ଶତ୍ରୁ ଦେଶର ଚେତା ପଶିନାହିଁ ଓ ମୋଷ୍ଟ ଓ୍ୱାଣ୍ଟେଡ ଆତଙ୍କବାଦୀ ମସୁଦ ଆଝାର ପାକିସ୍ତାନରେ ଲୁଚିରହି ବହୁଦିନର ବ୍ୟବଧାନ ପରେ ଭାରତକୁ ପରୋକ୍ଷ ଭାବରେ ଚେତାବନୀ ଶୁଣାଇଛି ଓ ମସୁଦ ହେଉଛି ଆତଙ୍କବାଦୀ ସଂଗଠନ, ଜୈଶ - ଇ -ମହମ୍ମଦର ମୁଖ୍ୟ । ପାକିସ୍ତାନର ଏକ ମସଜିଦରେ ମସୁଦର ଏକ ଅଡିଓ ପ୍ରସାରଣ କରାଯାଇଛି । ସେଥିରେ ମସୁଦ କହିଛି ଯେ ଅନ୍ୟ ମାନଙ୍କ ପାଖରେ ଆକ୍ରମଣ କରିବା ପାଇଁ ମିସାଇଲ ଅଛି ଓ କିନ୍ତୁ ତାର ସଙ୍ଗଠନ ନିକଟରେ ଫିଦାୟୀନ (ଆତ୍ମଘାତୀ ଆକ୍ରମଣକାରୀ ) ଅଛନ୍ତି ଓ ଯେ କୌଣସି ସମୟରେ ଆକ୍ରମଣ ପାଇଁ ୧୦ ହଜାର ଫିଦାୟୀନ ପ୍ରସ୍ତୁତ ରହିଛନ୍ତି । ଜୈଶ ପାଖରେ ଏବେ ବି ଅଛନ୍ତି ୩୦ ହଜାର କ୍ୟାଡର ଓ ସ୍ମରଣଯୋଗ୍ୟ ଯେ କିଛି ଦିନ ପୂର୍ବ ପାକିସ୍ତାନ ପିପୁଲ ପାର୍ଟି (ପିପିପି)ମୁଖ୍ୟ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ, ବିଲାଓ୍ୱଲ ଭୁଟ୍‌ଟୋ କହିଥିଲେ ଯେ ମସୁଦ ପାକିସ୍ତାନରେ ନାହିଁ । ସେ ଆଫଗାନିସ୍ତାନରେ ଥାଇପାରେ। କିନ୍ତୁ ମସୁଦର ଅଡିଓ ପାକିସ୍ତାନରେ ତାର ଉପସ୍ଥିତିକୁ ପ୍ରମାଣିତ କରିଛି ଓ ପାକିସ୍ତାନ ଏଭଳି ଜଘନ୍ୟ ଅପରାଧୀଙ୍କୁ ଆଶ୍ରୟ ଦେଇ ବିଶ୍ୱ ସମୁଦାୟ ,ବିଶେଷ କରି ଭାରତକୁ ପ୍ରତାରିତ କରିଆସିଛି । ଅନ୍ୟପକ୍ଷରେ ଭାରତ ଏହାର ଏକ ୫୧ଜଣିଆ ସଂସଦୀୟ ପ୍ରତିନିଧିମଣ୍ଡଳୀକୁ ବିଶ୍ୱର ବିଭିନ୍ନ ଦେଶକୁ ପଠାଇ ଆତଙ୍କବାଦ ଉପରେ ଦେଶର କଡ଼ା ଆଭିମୁଖ୍ୟକୁ ସ୍ପଷ୍ଟ କରିଛି ଓ ପାକିସ୍ତାନର ଅସଲ ମୁଖା ଖୋଲିବାର ପ୍ରୟାସ କରିଛି ଓ ଅନ୍ୟପକ୍ଷରେ ଏବେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ତୀବ୍ର ଆକାର ଧାରଣ କଲାଣି ।ଏହା ସେ୍ ପାକିସ୍ତାନ କିଛି ଶିକ୍ଷା ଲାଭ କରୁନାହିଁ ଓ ଚ଼ୀନର ସହାୟତାରେ ପାକିସ୍ତାନ ଏହାର ସାମର୍ଥ୍ୟ ପ୍ରଦର୍ଶନ କରୁଛି । ମସୁଦର ଏହି ଅଡିଓ ମାଧ୍ୟମରେ ଆତଙ୍କୀ ସଙ୍ଗଠନ ପାଇଁ ପାଣ୍ଠି ସଂଗ୍ରହ ସହଜ ହୋଇପାରେ । ବିଦେଶରୁ ମଧ୍ୟ ହାଓ୍ୱଲା ମାଧ୍ୟମରେ ଅର୍ଥ ଆସିପାରେ ଓ ବାଜପାୟୀ ସରକାର ସମୟରେ କାନ୍ଦାହାର ବିମାନ ଅପହରଣ ଘଟଣାରେ ମସୁଦକୁ ସର୍ତ୍ତ ମୁତାବକ ଜେଲରୁ ମୁକ୍ତ କରାଯାଇଥିଲା । ବିମାନ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ଏପରି ପଦକ୍ଷେପ ନେବାକୁ ପଡିଥିଲା । ଦୀର୍ଘ ଦଶ ବର୍ଷର ବ୍ୟବଧାନ ପରେ ମସୁଦ ମୁହଁ ଖୋଲିଛି ଓ ମସୁଦ ପାକିସ୍ତାନରେ ଲୁଚିଛି ବୋଲି ଜାଣିଥିଲେ ମଧ୍ୟ ମସୁଦକୁ ଗିରଫ କରି ଭାରତକୁ ସମର୍ପଣ ପାଇଁ ଆମ ଦେଶ ପକ୍ଷରୁ ଆନ୍ତର୍ଜାତିକ ସ୍ତରରେ ଜୋରଦାର ଚ଼ାପ ପ୍ରୟୋଗ କରାଯାଉ ନାହିଁ ଓ ଜାମ୍ମୁ - କାଶ୍ମୀରରେ ଶାନ୍ତି ଓ ସ୍ଥିରତା ଫେରିଆସିଥିବା ସମୟରେ ପହଲଗାମ ଆତଙ୍କୀ ହମଲା ଭାରତକୁ ଅଧିକ ସଜାଗ ଓ ସତର୍କ କରିଛି ଓ ମସୁଦ ୨୦୦୧ ସଂସଦ ଭବନ ଆକ୍ରମଣ, ୨୦୦୮ ୨୬/୧୧ ମୁମ୍ବାଇ ଆକ୍ରମଣ,୨୦୧୬ ପଠାନକୋଟ ଆକ୍ରମଣ ଏବଂ ୨୦୧୯ ପୁଲଓ୍ୱାମା ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲା ମସୁଦ ଓ ୨୦୧୯ ରେ ଜାତିସଙ୍ଘ ତାକୁ ବୈଶ୍ୱିକ ଆତଙ୍କବାଦୀ ଭାବେ ଘୋଷଣା କରିଛି ଓ ପାକିସ୍ତାନରେ ଏବେ ସାମରିକ ବିଦ୍‌ରୋହର ପଦଧ୍ୱନି ଶୁଭୁଥିବାବେଳେ ମସୁଦର ଏପରି ବିଳାପକୁ ତାର ଫୁତକାର କହିବା ବୋଧହୁଏ ଠିକ ହେବ ଓ ସାମରିକ ଦୃଷ୍ଟିକୋଣରୁ ଦେଖିଲେ,ମସୁଦର ଧମକକୁ ପ୍ରତିହତ ଓ ମୁକାବିଲା କରିବା ପାଇଁ ଭାରତୀୟ ସେନା ସତତ ସଜାଗ ରହିଛି ଓ କିନ୍ତୁ ପୁଲଓ୍ୱାମା ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଆମାଜନ ଇ - କମର୍ସ ଓ୍ୱେବସାଇଟରୁ କିଣାଯାଇଥିଲା ବୋଲି ବିଶ୍ୱବ୍ୟାପୀ ଆତଙ୍କବାଦୀ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନସିଆଲ ଆକ୍ସନ ଟାସ୍କଫୋର୍ସ ( ଏଫଟିଏଫ) ନିଜର ସଦ୍ୟତମ ରିପୋର୍ଟରେ ଖୁଲାସା କରିବା ପରେ ଚ଼ହଳ ସୃଷ୍ଟି ହୋଇଛି । ଏପରିକି ଗୋରଖନାଥ ମନ୍ଦିର ହମଲାକାରୀଙ୍କୁ ପେ - ପାଲ ଜରିଆରେ ପେମେଣ୍ଟ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ତେଣୁ ଇ - କମର୍ସ ଓ ଡିଜିଟାଲ ଯଦି ଭୁଲ ଲୋକଙ୍କ ହାତରେ ପଡେ, ତେବେ ସେମାନେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବାର ମାଧ୍ୟମ ସାଜିପାରନ୍ତି ବୋଲି ଏଫଟିଏଫ ଚେତାବନୀ ଶୁଣାଇଛି ଓ ଭାରତ ସରକାର ଏହି ଦିଗରେ ସତର୍କତାମୂଳକ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି ।

# ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?

**ଡ. ସମନ୍ୱୟ ନନ୍ଦ**

ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତ୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧ୍ୟାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ ଅଧକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।



ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ୍ୟ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ବତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ବତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ବତୀୟ ରାଷ୍ଟ୍ରୀୟତା ବା ତିବ୍ବତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ବତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ବତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଦ୍ଧ ସମୟ ଧରି ତିବ୍ବତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ବତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ବତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ବତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ବତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ବତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ବତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ବତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ବତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ୍ୟ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତଓ୍ୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁ କୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତଓ୍ୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ବତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

# ସପ୍ତ ମହର୍ଷି କିଏ ?

**ଡକ୍ଟର ସୁରେଶ କୁମାର ନାୟକ**

ପିଲାମାନେ ତୁମେ ସପ୍ତମହର୍ଷିଙ୍କ ବିଷୟରେ ଶୁଣିଥିବ ଆମ ହିନ୍ଦୁ ସନାତନ ସଂସ୍କୃତି ଓ ମହାନ ଆର୍ଯ୍ୟ ଚେତନା ବିଚାରରେ ମହର୍ଷି ହେଉଛନ୍ତି ଆମ ଆଧ୍ୟାତ୍ମିକ ମୂଳଶକ୍ତିର ଆଧାର। ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ - ଏହି ସାତ ମହର୍ଷି ବ୍ରହ୍ମାଙ୍କ ଦ୍ୱାରା ହିଁ ନିଜ ମନରୁ ରଚିତ ହୋଇଛନ୍ତି । ଏହି ସାତଜଣ ହେଉଛନ୍ତି ବେଦଜ୍ଞ । ଏମାନଙ୍କୁ ଭଗବାନ ମୁଖ୍ୟ ଦେବାଚାର୍ଯ୍ୟ କରିଛନ୍ତି । ଏହି ସାତଜଣ ହିଁ ଅତ୍ୟନ୍ତ ତେଜସ୍ୱୀ ଓ ବୁଦ୍ଧିମାନ୍ ପ୍ରଜାପତି । ପ୍ରଜା ଉତ୍ପତ୍ତିକାରୀ ହୋଇଥିବାରୁ ଏମାନଙ୍କୁ ସପ୍ତ 'ବ୍ରହ୍ମା' ବୋଲି କୁହାଯାଏ । ଏହି ମହର୍ଷିମାନେ ସର୍ବଦା ପଢ଼ିବା - ପଢ଼ାଇବା, ଯଜ୍ଞ କରିବା କରାଇବା, ଦାନ ଦେବା ଓ ନେବା ଏହି ଛଅ ପ୍ରକାର କର୍ମ କରନ୍ତି । ବ୍ରହ୍ମଚାରୀମାନଙ୍କୁ ପଢ଼ାଇବା ପାଇଁ ଘରେ ଗୁରୁକୁଳ ରଖନ୍ତି ତଥା ପ୍ରଜା ଉତ୍ପତ୍ତି ପାଇଁ ହିଁ ସ୍ତ୍ରୀ ଓ ଅଗ୍ନି ଗ୍ରହଣ କରିଥାନ୍ତି । କର୍ମହେତୁକ ନିଜଦ୍ୱାରା ରଚିତ ଅନିନ୍ଦ୍ୟ ଭୋଗ୍ୟପଦାର୍ଥ ଦ୍ୱାରା ଜୀବନ ନିର୍ବାହ କରନ୍ତି । ଏମାନେ ସନ୍ତାନସନ୍ତିତ ଓ ଗୋ-ଧନ ଆଦି ସମ୍ପତ୍ତିଯୁକ୍ତ । ଏମାନେ ଲୋକମାନଙ୍କ ଭିତରେ ଓ ଲୋକବସତି ବାହାରେ ନିବାସ କରନ୍ତି । ସତ୍ୟ ଆଦି ସବୁ ଯୁଗର ଆରମ୍ଭରେ ପ୍ରଥମେ ଏହି ମହର୍ଷିମାନେ ହିଁ ବାରମ୍ବାର ବର୍ଣ୍ଣାଶ୍ରମ ଧର୍ମର ବ୍ୟବସ୍ଥା କରିଥାନ୍ତି ।

ମରୀଚି - ଏହାଙ୍କୁ ଭଗବାନଙ୍କର ଅଂଶାବତାର ବୋଲି ଗ୍ରହଣ କରାଯାଇଛି । ଏହାଙ୍କର ଅନେକ ପତ୍ନୀ ଅଛନ୍ତି; ସେମାନଙ୍କ ମଧ୍ୟରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସମ୍ଭୂତି ଓ ଧର୍ମନାମକ ବ୍ରାହ୍ମଣଙ୍କ କନ୍ୟା ଧର୍ମାବ୍ରତା ଅଛନ୍ତି । ଏହାଙ୍କ ସନ୍ତିତମାନଙ୍କର ବିଶେଷ ବିସ୍ତାର ବା ବୃଦ୍ଧି ହୋଇଛି । ମହର୍ଷି କଶ୍ୟପ ଏହାଙ୍କର ପୁତ୍ର । ବ୍ରହ୍ମା ଏହାଙ୍କୁ ପଦ୍ମପୁରାଣର କିଛି ଅଂଶ ଶୁଣାଇଥିଲେ । ବ୍ରହ୍ମା ସର୍ବପ୍ରଥମେ ଏହାଙ୍କୁ ବ୍ରହ୍ମପୁରାଣ ଦେଇଥିଲେ । ମରୀଚି ଋଷି ସଦାସର୍ବଦା ସୃଷ୍ଟିର ଉତ୍ପତ୍ତି ଓ ତାହାର ପାଳନ କାର୍ଯ୍ୟରେ ଲାଗିରହିଥାନ୍ତି ।

ଅଙ୍ଗିରା - ବଡ଼ ତେଜସ୍ୱୀ ମହର୍ଷି ଅଟନ୍ତି । ଏହାଙ୍କର ଅନେକ ପତ୍ନୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ମରୀଚିଙ୍କ କନ୍ୟା ସୁରୂପାଙ୍କଠାରୁ ବୃହସ୍ପତି, କର୍ଦ୍ଦମ ଋଷିଙ୍କ କନ୍ୟା ସ୍ୱରାଟ୍‌ଙ୍କଠାରୁ ଗୌତମ ବାମଦେବ ଆଦି ପାଞ୍ଚପୁତ୍ର ଓ ମନୁଙ୍କ କନ୍ୟା ପଥ୍ୟାଙ୍କଠାରୁ ବିଷ୍ଣୁ ଆଦି ତିନି ପୁତ୍ର ଜନ୍ମ ହୋଇଥିଲେ । ଅଗ୍ନିଙ୍କ କନ୍ୟା ଆତ୍ରେୟୀଙ୍କଠାରୁ ଆଙ୍ଗିରସ ନାମକ ପୁତ୍ରମାନଙ୍କର ଜନ୍ମ ହୋଇଥିଲା ।

ଅତ୍ରି - ଦକ୍ଷିଣ ଦିଗରେ ରୁହନ୍ତି । ପ୍ରସିଦ୍ଧ ପତିବ୍ରତା ଅନସୂୟା ଏହାଙ୍କର ଧର୍ମପତ୍ନୀ । ଅନସୂୟା ଭଗବାନ କପିଳଦେବଙ୍କ ଭଉଣୀ ଓ କର୍ଦ୍ଦମ ଦେବହୂତିଙ୍କ କନ୍ୟା । ଭଗବାନ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ଏହାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ଅନସୂୟା ଜଗଜ୍ଜନନୀ ସୀତାଙ୍କୁ ବିଭିନ୍ନ ପ୍ରକାର ଅଳଙ୍କାର ଓ ବସ୍ତ୍ର ପ୍ରଦାନ କରିଥିଲେ ଏବଂ ସତୀ ଧର୍ମ ବିଷୟରେ ଉପଦେଶ ଦେଇଥିଲେ ।

ବ୍ରହ୍ମବାଦୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ମହର୍ଷି ଅତ୍ରିଙ୍କୁ ବ୍ରହ୍ମା ଯେତେବେଳେ ପ୍ରଜାବିସ୍ତାର ପାଇଁ ଆଦେଶ ଦେଲେ ସେତେବେଳେ ଅତ୍ରି ତାଙ୍କ ପତ୍ନୀ ଅନସୂୟାଙ୍କ ସହିତ ଋକ୍ଷ ନାମକ ପର୍ବତ ଉପରକୁ ଯାଇ ତପସ୍ୟା କଲେ । ଏହି ପତିପତ୍ନୀ ଭଗବାନଙ୍କର ବଡ଼ ଭକ୍ତ ଥିଲେ । ଏ ଦୁହେଁ ଘୋର ତପ କରିବାକୁ ଲାଗିଲେ । ତପର ଫଳସ୍ୱରୂପ ଭଗବାନଙ୍କ ପ୍ରତ୍ୟକ୍ଷ ଦର୍ଶନ ଚାହିଁଲେ । ଦୁହେଁ ଜଗତ୍‌ପତି ଭଗବାନଙ୍କ ଶରଣାପନ୍ନ ହୋଇ ତାଙ୍କ ଅଖଣ୍ଡ ଚିନ୍ତନରେ ଲାଗିରହିଲେ । ମସ୍ତକରୁ ଯୋଗାଗ୍ନି ବାହାରିଲା, ଯାହା ଯୋଗୁଁ ତିନି ଲୋକ ଜଳିବାକୁ ଲାଗିଲା । ସେତେବେଳେ ସେ ଦୁହିଁଙ୍କର ତପରେ ପ୍ରସନ୍ନ ହୋଇ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତାଙ୍କୁ ବର ଦେବାକୁ ପ୍ରକଟ ହେଲେ । ଭଗବାନଙ୍କ ତ୍ରିବିଧ ସ୍ୱରୂପକୁ ଦର୍ଶନ କରି ମୁନି ଓ ମୁନିପତ୍ନୀ କୃତାର୍ଥ ହୋଇଗଲେ ଏବଂ ଗଦ୍‌ଗଦ୍ ହୋଇ ଭଗବାନଙ୍କ ସ୍ତୁତି କରିବାକୁ ଲାଗିଲେ । ଭଗବାନ ଦୁହିଁଙ୍କୁ ବର ମାଗିବାକୁ କହିଲେ, ''ମୁଁ ପୁତ୍ରପାଇଁ ଭଗବାନଙ୍କୁ ଆରାଧନା କରିଥିଲି ଓ ତାଙ୍କର ଦର୍ଶନ ଚାହିଁଥିଲି । ଆପଣ ତିନି ଜଣ ଆସିଗଲେ । ଆପଣମାନଙ୍କର କଳ୍ପନା ତ କେହି କରିପାରିବ ନାହିଁ । ମୋ ପ୍ରତି କିପରି ଏହି କୃପା ହେଲା, ଆପଣମାନେ ହିଁ ବୁଝାଇ ଦିଅନ୍ତୁ ।'' ଅତ୍ରିଙ୍କ କଥା ଶୁଣି ତିନିହେଁ ମୁରୁକି ହସିଲେ ଏବଂ କହିଲେ - ବ୍ରହ୍ମାନ ! ତୁମର ସଂକଳ୍ପ ସତ୍ୟ । ତୁମେ ଯାହାକୁ ଧ୍ୟାନ କରୁଛ, ଆମେ ତିନିହେଁ କେବଳ ସେହି ଏକକଙ୍କର ତିନି ସ୍ୱରୂପ । ଆମ ତିନିଙ୍କ ଅଂଶରେ ତୁମର ତିନି ପୁଅ ଜନ୍ମ ନେବେ । ତୁମେ ତ କୃତାର୍ଥରୂପ ।'' ଏତିକି କହି ଭଗବାନଙ୍କ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଗଲେ । ସେହି ତିନିଜଣ ତାଙ୍କ ପରେ ଅବତାର ଗ୍ରହଣ କଲେ । ଭଗବାନ ବିଷ୍ଣୁଙ୍କ ଅଂଶରେ ଦତ୍ତାତ୍ରେୟ, ବ୍ରହ୍ମାଙ୍କ ଅଂଶରେ ଚନ୍ଦ୍ରମା ଓ ଶିବଙ୍କ ଅଂଶରେ ଦୁର୍ବାସା ଜନ୍ମ ହେଲେ ।

ପୁଲସ୍ତ୍ୟ - ବଡ଼ ଧର୍ମପରାୟଣ, ତପସ୍ୱୀ ଓ ତେଜସ୍ୱୀ ଅଟନ୍ତି । ଯୋଗବିଦ୍ୟାରେ ମଧ୍ୟ ବଡ଼ ଆଚାର୍ଯ୍ୟ ଓ ପାରଦର୍ଶୀ ଥିଲେ । ପରାଶର ଯେତେବେଳେ ରାକ୍ଷସମାନଙ୍କୁ ନାଶ କରିବାକୁ ଏକ ବଡ଼ ଯଜ୍ଞ କରୁଥିଲେ, ସେତେବେଳେ ବଶିଷ୍ଠଙ୍କ ପରାମର୍ଶ ଅନୁଯାୟୀ ପୁଲସ୍ତ୍ୟ ତାଙ୍କୁ ଏପରି ଆଶୀର୍ବାଦ ଦେଲେ ଯେ, ପରାଶରଙ୍କର ସକଳ ଶାସ୍ତ୍ରରେ ଜ୍ଞାନ ହୋଇଗଲା ।

ପୁଲସ୍ତ୍ୟ ଋଷିଙ୍କର ସନ୍ଧ୍ୟା, ପ୍ରତୀଚୀ, ପ୍ରୀତି ଓ ହବିର୍ଭୂ ନାମରେ ପତ୍ନୀମାନେ ଥିଲେ; ସେମାନଙ୍କ ଗର୍ଭରୁ ବହୁ ପୁତ୍ର ଜନ୍ମ ହୋଇଥିଲେ । ଅଗସ୍ତ୍ୟ ଓ ପ୍ରସିଦ୍ଧ ଋଷି ନିଦାଘ ଏହାଙ୍କର ପୁତ୍ର । ବିଶ୍ରବା ମଧ୍ୟ ଏହାଙ୍କର ପୁତ୍ର ଥିଲେ । ବିଶ୍ରବାଙ୍କ ଔରସରୁ କୁବେର, ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଜନ୍ମ ହୋଇଥିଲେ ।

ପୁଲହ - ବଡ଼ ଐଶ୍ୱର୍ଯ୍ୟବାନ ଓ ଜ୍ଞାନୀ ମହର୍ଷି ଅଟନ୍ତି । ସେ ମହର୍ଷି ସନନ୍ଦନଙ୍କଠାରୁ ଈଶ୍ୱରୀୟଜ୍ଞାନ ଶିକ୍ଷା ପ୍ରାପ୍ତ କରି ଗୌତମଙ୍କୁ ସେହି ଜ୍ଞାନ ଶିଖାଇଥିଲେ । ଦକ୍ଷପ୍ରଜାପତିଙ୍କ କନ୍ୟା କ୍ଷମା ଓ କର୍ଦ୍ଦମ ଋଷିଙ୍କ କନ୍ୟା ଗତିଙ୍କଠାରୁ ଏହାଙ୍କର ବହୁ ସନ୍ତାନ ହୋଇଥିଲେ ।

କ୍ରତୁ - ଜଣେ ତେଜସ୍ୱୀ ମହର୍ଷି । ସେ କର୍ଦ୍ଦମ ଋଷିଙ୍କ କନ୍ୟା କ୍ରିୟ ଓ ଦକ୍ଷପୁତ୍ରୀ ସନ୍ନତିଙ୍କୁ ବିବାହ କରିଥିଲେ । ଏହାଙ୍କଠାରୁ ଷାଠିଏ ହଜାର ବାଲଖିଲ୍ୟନାମକ ଋଷି ଜନ୍ମ ନେଇଥିଲେ । ଏହି ଋଷିମାନେ ସୂର୍ଯ୍ୟଙ୍କ ରଥ ଆଗରେ ତାଙ୍କ ଆଡ଼କୁ ମୁହଁ କରି ସ୍ତୁତି କରନ୍ତି ।

ବଶିଷ୍ଠ - ମହର୍ଷି ବଶିଷ୍ଠଙ୍କର ତପ, ତେଜ, କ୍ଷମା ଓ ଧର୍ମ ବିଶ୍ୱବିଦିତ । ତାଙ୍କ ଉତ୍ପତ୍ତି ସମ୍ବନ୍ଧରେ ପୁରାଣରେ ବହୁ ବର୍ଣ୍ଣନା ରହିଛି; କଳ୍ପଭେଦ ଦୃଷ୍ଟିରୁ ସେସବୁ ଠିକ୍ । ଅରୁନ୍ଧତୀ ଏହାଙ୍କର ପତ୍ନୀ; ସେ ବଡ଼ ସାଧ୍ୱୀ ଓ ପତିବ୍ରତା । ବଶିଷ୍ଠ ସୂର୍ଯ୍ୟବଂଶର କୁଳପୁରୋହିତ ଥିଲେ । ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ୍ ଶ୍ରୀରାମଙ୍କ ଦର୍ଶନ ଓ ସତ୍‌ସଙ୍ଗଲାଭ ନିମନ୍ତେ ହିଁ ବଶିଷ୍ଠ ସୂର୍ଯ୍ୟବଂଶୀ ରାଜାମାନଙ୍କର ପୁରୋହିତ ହୋଇଥିଲେ ଏବଂ ସୂର୍ଯ୍ୟବଂଶର ହିତ ପାଇଁ ନିରନ୍ତର ଚେଷ୍ଟା କରୁଥିଲେ । ଭଗବାନ ରାମଚନ୍ଦ୍ରଙ୍କୁ ଶିଷ୍ୟ ରୂପେ ପାଇ ତାଙ୍କର ଜୀବନ ଧନ୍ୟ ହୋଇଥିଲା ।

'ତପସ୍ୟା ବଡ଼ ନା ସତସଙ୍ଗ ବଡ଼ ?' ପ୍ରଶ୍ନ ଉପରେ ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ଭିତରେ ମତଭେଦ ହେଲା । ବଶିଷ୍ଠ କହିଲେ, 'ସତସଙ୍ଗ ବଡ଼', ବିଶ୍ୱାମିତ୍ର କହିଲେ, 'ତପସ୍ୟା ବଡ଼ ।' ବିବାଦ ତୁଟାଇବାକୁ ଦୁହେଁ ଶେଷଦେବଙ୍କ ପାଖକୁ ଗଲେ । ସବୁ ଶୁଣି ଶେଷଦେବ କହିଲେ, ''ଦେଖ, ମୋ ମୁଣ୍ଡରେ ପୃଥିବୀ ଏକ ବୋଝ ହୋଇ ରହିଛି । ତୁମ ଦୁହିଁଙ୍କ ଭିତରୁ କେହି ଜଣେ ଯଦି କିଛି ସମୟ ପାଇଁ ଏହି ବୋଝଟି ମୁଣ୍ଡାନ୍ତ, ତେବେ ମୁଁ ଭାବି ବିଚାରି ତୁମ କଳି ତୁଟାଇ ଦିଅନ୍ତି ।'' ବିଶ୍ୱାମିତ୍ର ତ ବହୁ ତପସ୍ୟା କରିଥିଲେ; ସେ ତାଙ୍କର ଦଶ ହଜାର ବର୍ଷ ତପସ୍ୟାର ଫଳ ଦେଇ ପୃଥିବୀକୁ ମୁଣ୍ଡାଇବାକୁ ବସିଲେ; କିନ୍ତୁ ପାରିଲେ ନାହିଁ ଓ ପୃଥିବୀ ଟଳମଳ ହେଲା । ତା'ପରେ ବଶିଷ୍ଠ ଅର୍ଦ୍ଧକ୍ଷଣ-ସତସଙ୍ଗର ଫଳ ଦେଇ ଅନାୟାସରେ ପୃଥିବୀକୁ ଉଠାଇ ବହୁ ସମୟ ମୁଣ୍ଡାଇ ଧରିଲେ । ଶେଷଦେବଙ୍କୁ ବିଶ୍ୱାମିତ୍ର ପଚାରିଲେ, ''ଏତେ ଡ଼େରି ହେଲାଣି ! ଆପଣ ନିର୍ଣ୍ଣୟ ଶୁଣାଉ ନାହାନ୍ତି କାହିଁକି ? ଶେଷଦେବ ହସିଦେଇ କହିଲେ, ''ନିର୍ଣ୍ଣୟ ତ ଛାଏଁ ହୋଇଗଲା । ଦଶହଜାର ବର୍ଷର ତପସ୍ୟା ଫଳରେ ଯାହା ସମ୍ଭବ ନହେଲା, ଅର୍ଦ୍ଧକ୍ଷଣ ସତସଙ୍ଗରେ ତାହା ହୋଇଗଲା । ତେଣୁ ଦୁଇଟି ଭିତରୁ କେଉଁଟି ବଡ଼, ଆପଣ ହିଁ ଚିନ୍ତା କରନ୍ତୁ ।'' ସତସଙ୍ଗର ମହିମା ବୁଝିପାରି ଦୁଇ ଋଷି ପ୍ରସନ୍ନ ହୋଇ ଫେରି ଆସିଲେ ।

ବଶିଷ୍ଠ ଥିଲେ ବସୁ ସମ୍ପନ୍ନ, ଅର୍ଥାତ୍ ଅଣିମାଦି ସିଦ୍ଧିଯୁକ୍ତ ଓ ଗୃହସ୍ଥମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଏଣୁ ତାଙ୍କୁ 'ବଶିଷ୍ଠ' ବୋଲାଗଲା । କାମ, କ୍ରୋଧ, ଲୋଭ, ମୋହ ଆଦି ଶତ୍ରୁ ତାଙ୍କ ଆଶ୍ରମ ନିକଟକୁ ଆସିପାରୁ ନଥିଲେ । ନିଜର ପୂର୍ଣ୍ଣସାମର୍ଥ୍ୟ ଥିବା ସତ୍ତ୍ୱେ, ତାଙ୍କର ଶହେ ପୁତ୍ରଙ୍କୁ ହତ୍ୟା କରିଥିବା ବିଶ୍ୱାମିତ୍ରଙ୍କ ପ୍ରତି ସେ କ୍ରୋଧ ପ୍ରକାଶ କରି ନଥିଲେ ଓ ତାଙ୍କର ତିଳେ ବି ଅନିଷ୍ଟ କରିନଥିଲେ । ବଶିଷ୍ଠଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାଦେବ ତାଙ୍କୁ ବ୍ରାହ୍ମଣମାନଙ୍କ ଉପରେ ଆଧିପତ୍ୟ ପ୍ରଦାନ କରିଥିଲେ । ସନାତନ ଧର୍ମର ମର୍ମ ଯଥାର୍ଥ ରୂପେ ଜାଣିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନାମ ଅଗ୍ରଗଣ୍ୟ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯,
ସିଡିଏ, କଟକ, ଦୂରଭାଷ :
୯୪୩୭୨୨୫୫୯୨



# ବିଶ୍ୱ ଯୁବ କୌଶଳ ଦିବସ ପାଳନ

ଲକ୍ଷ୍ମୀପୁର: ଜନ ଶିକ୍ଷଣ ସଂସ୍ଥାନ (JSS), କୋରାପୁଟ, ଓଡ଼ିଶା ତରଫରୁ ୧୫ ଜୁଲାଇ ୨୦୨୫ ରେ ତାଙ୍କର କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ଯୁବ କୌଶଳ ଦିବସ ପାଳନ କରାଗଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯୁବ ସମୁଦାୟଙ୍କ ମଧ୍ୟରେ କୌଶଳ ବିକାଶର ଗୁରୁତ୍ୱ ବୁଝେଇବା, ନିଯୁକ୍ତିଯୋଗ୍ୟତା ବୃଦ୍ଧି କରିବା, ଉଦ୍ୟମିତାକୁ ଉତ୍ସାହିତ କରିବା ଓ ସ୍ୱାବଲମ୍ବନକୁ ବଢ଼ାଇବା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଅତିଥି ଭାବରେ କୋରାପୁଟ ଜିଲ୍ଲା ନିଯୁକ୍ତି ଅଧିକାରୀ ଶ୍ରୀ ସୁଭେନ୍ଦୁ ମିଶ୍ର ଉପସ୍ଥିତ ଥିଲେ। ତାଙ୍କ ମୁଖ୍ୟ ବକ୍ତୃତାରେ ଶ୍ରୀ ମିଶ୍ର ଅଜାଣ ଯୁବ ସମୁଦାୟ ପାଇଁ ବୃତ୍ତିମୂଳକ ଶିକ୍ଷା ଓ କୌଶଳ ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କଲେ। ସେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିବା ସହିତ କହିଲେ ଯେ ଏହା ଯୁବପିଢିଙ୍କୁ ନୂତନ କୌଶଳ ଶିଖିବା ମାଧ୍ୟମରେ ସାଶକ୍ତ କରେ। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଶ୍ରୀ କିରଣ କୁମାର ମୋଣି, ନିଦେଶକ, ଜନ ଶିକ୍ଷଣ ସଂସ୍ଥାନ, କୋରାପୁଟ। ସେ ଜଣାଇଲେ ଯେ ଔଝଝ କୋରାପୁଟ ଜିଲ୍ଲାର ଅନାଧିକୃତ, ଜନଜାତି ଯୁବକ-ଯୁବତୀ ଓ ମହିଳାମାନେ ପାଇଁ ନିଃଶୁଳ୍କ କୌଶଳ ବିକାଶ ପ୍ରଶିକ୍ଷଣ ଦେଉଛି। ସେ ସଂସ୍ଥାର ଦୃଷ୍ଟିକୋଣ ଓ ଭବିଷ୍ୟତ ଯୋଜନା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଲେ। ପରେ କାର୍ଯ୍ୟକ୍ରମର ସମାପନ ହେଲା ଜେଏସଏସର କାର୍ଯ୍ୟକ୍ରମ ଅଧିକାରୀ ମିସ୍ ରୋଜେଲିନା ବାଘଙ୍କ ଧନ୍ୟବାଦ ଜଣାଇବା ଉପସ୍ଥାନ ସହିତ। ସେ ପ୍ରଧାନ ଅତିଥି, ସମସ୍ତ ଅଂଶଗ୍ରାହୀ, କର୍ମଚାରୀ ଓ ଆୟୋଜନ ଟିମକୁ ଧନ୍ୟବାଦ ଜଣାଇଲେ ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନଙ୍କ ଅବଦାନକୁ ସ୍ୱୀକାର କଲେ। ସେ କୌଶଳ ବିକାଶ ଓ ଜୀବିକା ପ୍ରଚାର ପ୍ରତି ଔଝଝ ର ଦୃଢ ସଂକଳ୍ପକୁ ଆଉଥରେ ପୁଷ୍ଟି କଲେ। ଏହି କାର୍ଯ୍ୟକ୍ରମରେ ୮୨ ଜଣ ଅଂଶଗ୍ରହଣ କରିଥିଲେ, ଯାହାରେ ପ୍ରଶିକ୍ଷୁ, କର୍ମଚାରୀ ଓ ସ୍ଥାନୀୟ ଯୁବମାନେ ଅନ୍ତର୍ଭୁକ୍ତ ଥିଲେ। ଅଂଶଗ୍ରାହୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ଓ ଯୁବ ଶକ୍ତିଙ୍କୁ ସ୍ଥାୟୀ ଜୀବିକା ପାଇଁ ସାଶକ୍ତ କରିବାରେ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ କୁ ମୁଲ୍ୟାଙ୍କନ କରିଥିଲେ।




# ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କଲେ ପାରାଦୀପର ଆଞ୍ଜେଲିନା

ପାରାଦୀପ: ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ ତମ ସମାବର୍ତ୍ତନ ଉତ୍ସବରେ ପାରାଦ୍ୱୀପର ଝିଅ କୁମାରି ଆଲେକ୍ସକ୍ଷ ଆଞ୍ଜଲିନା ପ୍ରାଣୀ ବିଜ୍ଞାନ ବିଭାଗରେ ସାରା ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ମହମହିମ୍ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଆଲେକ୍ସକ୍ଷ ଜଣେ ମେଧାବୀ ଛାତ୍ରୀ ସେ ତାଙ୍କର ଛାତ୍ରୀ ଜୀବନ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବେଥାନି କନଭେଣ୍ଟ ସ୍କୁଲ ଓ ଦ୍ୱାଦଶ ଶ୍ରେଣୀ ପିପିଏଲ୍ ଡିଏଭି ସ୍କୁଲରୁ ପାଠ ପଢ଼ା ଶେଷ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବର୍ଷ ୨୦୨୩ ପାଇଁ ଜୀବ ବିଜ୍ଞାନ ସ୍ନାତକ ସମ୍ମାନରେ ପ୍ରଥମ ସ୍ଥାନ ହାସଲ କରି ଏହି ସ୍ୱର୍ଣ୍ଣ ପଦକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କର ପିତା ବିନୋଦ ବିହାରୀ ମହାନ୍ତି ଜୀବନ ବିମା ନିଗମ ରେ କାର୍ଯ୍ୟ କରନ୍ତି ଓ ମାତା ଶ୍ରୀମତୀ



ସ୍ୱାତୀ ସୁଚରିତା ମହାନ୍ତି ଜଣେ ଗୃହିଣୀ। ଆଲେକ୍ସକ୍ଷ ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଥିଲେ ସେ ପାରାଦ୍ୱୀପ ବନ୍ଦର ଦ୍ୱାରା ପରିଚାଳିତ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ପୂର୍ବତନ ବିଜ୍ଞାନ ଓ ଗଣିତ ଶିକ୍ଷକ ଶ୍ରୀ ବିଭୂତି ଭୂଷଣ ମହାନ୍ତି ଙ୍କର ନାତୁଣୀ। ତାଙ୍କର ଏହି କୃତିତ୍ୱ ପାଇଁ ପରିବାର ବର୍ଗ ତଥା ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପାରାଦୀପ ର ଅନେକ ଅନୁଷ୍ଠାନ



ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୁମାରୀ ଆଲେକ୍ସକ୍ଷ ବର୍ତ୍ତମାନ ବନାରସ ର ହିନ୍ଦୁ ବିଶ୍ୱଦ୍ୟାଳୟର ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରୀ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଏହି ୧୩ ତମ ସମାବର୍ତ୍ତନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପଛୁଆବର୍ଗ ଓ ସଂଖ୍ୟାଲଘୁ ବିକାଶ ପରିଷଦ ପକ୍ଷରୁ ଫକୀରମୋହନ ଛାତ୍ରୀଙ୍କ ନ୍ୟାୟ ପାଇଁ ଦାବି

ପଟ୍ଟାମୁଣ୍ଡାଇ, (ମନ୍ଥନ ନ୍ୟୁଜ): ଅଖିଳ ଭାରତୀୟ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ପରିଷଦ ( ଓଡିଶା ପ୍ରଦେଶ ) ତରଫରୁ ମହାସଚିବମହମ୍ମଦ ଅମୀରଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏକ ସ୍ମାରକୀ ପତ୍ର ପ୍ରଦାନ କରାଯାଇ ଅଛି ଯାଉଥିରେ ଉଲେଖ ଅଛି ଆସନ୍ତା ୧୨ ତାରିଖ ଓଡ଼ିଶାର ଫକୀରମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏରେ ଜଣେ ଯୁବତୀ ଆତ୍ମହତ୍ୟା କରିବା ଆଶ୍ଚର୍ଯ୍ୟଜନକ ଏବଂ ଗଭୀର ଦୁଃଖଦାୟକ। ଜଣେ ଶିକ୍ଷକ ତାଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ନିରନ୍ତର ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପ୍ରିନ୍ସିପାଲଙ୍କୁ ଲେଖିଥିବା ଚିଠିରେ ସେ ପ୍ରକାଶ କରିଛନ୍ତି ଯେ ସେ ପୂର୍ବରୁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେଭ କିନ୍ତୁ ତାଙ୍କୁ ରକ୍ଷା କରାଯାଇଥିଲା। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ରେ, ସାହାଯ୍ୟ ପାଇଁ ଏକ ହତାଶ ନିବେଦନ କରି, ସେ ଅନେକ ଉଚ୍ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ, ସେ ଦୁଃଖଦ ଭାବରେ ପ୍ରିନ୍ସିପାଲଙ୍କ ଚାମ୍ବର ବାହାରେ ନିଜ ଯନ୍ତ୍ରଣାର ଶେଷ ପ୍ରୟାସ କରି ନିଜକୁ ନିଆଁ ଲଗାଇ ଦେଇଥିଲେ। ଏହି ଦୁଃଖଦ



ଘଟଣା କଲେଜ ପ୍ରିନ୍ସିପାଲଙ୍କଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଓଡିଶାର ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ତାଙ୍କୁ କିପରି ନ୍ୟାୟ ପାଇବାରୁ ବଞ୍ଚିତ କରାଯାଇଥିଲା ତାହାର କଠୋର ବାସ୍ତବତାକୁ ପ୍ରକାଶ କରେ। ଆମର ଉଚ୍ଚିକ୍ଷା ଢାଞ୍ଚାରେ, ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ମୁଁ ମାନ୍ୟବର ରାଜ୍ୟପାଳ (ଓଡ଼ିଶା ରାଜ୍ୟପାଳ)ଙ୍କୁ ଉକ୍ତ ବିଷୟରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରୁଛି କ୍ଷ ଏହି ପରିପେକ୍ଷୀରେ ଅଖିଳ ଭାରତୀୟ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ପରିଷଦ ( ଓଡିଶା ପ୍ରଦେଶ )ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ମାନବବିରୋଧୀ ଓ ଜଘନ୍ୟ ନାରକୀୟ କାଣ୍ଡ ଘଟଇଥିବା ଘଟଣାଙ୍କୁ ସାରାଓଡିଶାବାସୀ ନିନ୍ଦା କରୁଛନ୍ତି। ଏହି ଘଟଣା ତଦନ୍ତ କରିବା ସହ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ଓ ଦାବି କରୁଅଛୁ ବୋଲି ମହମ୍ମଦ ଆମିର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ନଓ୍ୱଯବାନ ୟୁନିଅନ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯକାରୀ ସଭାପତି ଅବରାର ହସରତ ଖାନ, ସହସମ୍ପାଦକ ଆଶହାବୁଲ ହକ (ବାବୁ) ଅଲି ବ୍ଲକ ସଭାପତି ଅବଦୁଲ ମତିନ, କେନ୍ଦ୍ରାପଡ଼ା ବ୍ଲକ ସଭାପତି ସେକ ସମଶେର ଅଲି, ରାଜନଗର ବ୍ଲକ ସଭାପତି କଲିମ ଖାନ, ସେକ ମୁସ୍ତଫିଜ ଆଦି ଉପସ୍ଥିତ ଥିଲେ।

# ଚଣ୍ଡିଖୋଲ ଉପକଣ୍ଠରେ ବର୍ଷାଜଳ ନିଷ୍କାସନ ପଥ ଅବରୋଧ, ପାଣିରେ ବୁଡିଲା ଶହଶହ ଏକର ଚାଷ ଜମି



ଚଣ୍ଡିଖୋଲ, (ମନ୍ଥନ ନ୍ୟୁଜ): ଜାତୀୟ ରାଜପଥ ହେଉ ଅବା ଗ୍ରାମାଞ୍ଚଳ ରାସ୍ତା କଡରେ ବହୁଳ ଭାବେ ଗଢି ଉଠିଛି ବ୍ୟବସାୟ କେନ୍ଦ୍ର ଓ ଘର । ହେଲେ ଏହାର ନିର୍ମାଣ ବେଳେ ଜଳ ନିଷ୍କାସନକୁ ଗୁରୁତ୍ୱ ଦିଆଯାଇ ନାହିଁ। ଫଳରେ ଅବରୋଧ ହୋଇଯାଇଛି ଜଳ ନିଷ୍କାସନ ବାଟ। ଫଳରେ ଚାଷ କାମରେ ସାଜିଛି ବାଧକ । କୃଷି ଓ କୃଷକର ଉନ୍ନତି ଲାଗି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଚାଷକାମ ପ୍ରଭାବିତ ହେଉଛି । ଚାଷୀଙ୍କ ସମସ୍ୟା ବି ସୁଧୁରୁ ନାହିଁ। ସୁଙ୍ଗୁଡା ଓ ଧାନମଣ୍ଡଳ ପଞ୍ଚାୟତର ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି। ମୁଖ୍ୟତଃ ଚାଷ ଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ଏକର ଏକର ଜମି ଥାଇ ବି ସେମାନେ ଚାଷ ସମୟରେ ହାତବାନ୍ଧି ଘରେ ବସୁଥିବା ଅଭିଯୋଗ କରିଛନ୍ତି। ଖରିଫ ଋତୁରେ ଚାଷୀ ଏହି ଜମିରେ ଧାନଚାଷ କରିଥାନ୍ତି। ଦିନକୁଦିନ ସହରରକଳେବର ବଢୁଥିବାରୁ ଚାଷ ଜମି ଗୁଡ଼ିକ ବିକ୍ରି ହେବାରେ ଲାଗିଛି। ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ତଥା ସରକାରୀ ଜାଗାଗୁଡ଼ିକ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଫଳରେ ଚାଷ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ ସମସ୍ୟା ବଢୁଛି । ଚାଷ ଜମିରୁ ଯେଉଁ ନାଳ ଦେଇ ବର୍ଷାଜଳ ନିଷ୍କାସିତ ହେବା କଥା, ସେହି ନାଳ ସବୁ ଧୀରେଧୀରେ ପୋତି ଦିଆଯାଉଛି। ଅନେକ ସ୍ଥାନରେ ନାଳରେ ଅନାବନା ଗଛଲତା ଓ ଦଳ ଭର୍ତ୍ତି ହୋଇଥିଲେ ମଧ୍ୟ ପୁନରୁଦ୍ଧାର କରାଯାଉ ନାହିଁ । ସେହିପରି ରାସ୍ତା ଉପରେ ନିର୍ମିତ କଲଭଟଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଫଳରେ ଶହଶହ ଏକର ଚାଷଜମି ବର୍ଷାପାଣିରେ ବୁଡ଼ି ରହିଛି। ତଳି ପଡ଼ିବା ସମ୍ଭବ ହେଉନଥିବା ବେଳେ ଧାନ ରୁଆ ହେବ କେମିତି ତାହା ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଯାହା ଫଳରେ ଶହଶହ ଏକର ଚାଷ ଜମି ଖାଲି ପଡ଼ିବାର ପରିସ୍ଥିତି ଉପୁଜିଛି। ଖରିଫ ଧାନ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ପରିବାର ପାଇଁ ଏବେ ଏହି ସମସ୍ୟା ଚିନ୍ତାର କାରଣ ପାଲଟିଛି। ଖରିଫ ଋତୁରେ ସବୁଠି ଚାଷ କାମ ଆରମ୍ଭ ହୋଇଥିବା ବେଳେ ଏହି ଅଞ୍ଚଳର ଚାଷୀ ହାତବାନ୍ଧି ଘରେ ବସିବା ସରକାରଙ୍କ କୃଷି ଓ କୃଷକଙ୍କ ନିମନ୍ତେ ହୋଇଥିବା ଯୋଜନାକୁ ଉପହାସ କରୁଛି ବୋଲି ଆଲୋଚନା ହେଉଛି।

# ବ୍ରାହ୍ମଣୀ ନଦୀ ରେ ପୁଣି କୁମ୍ଭିର ଆତଙ୍କ

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଧୋୟା ଅଞ୍ଚଳର ଅଳପୁଆ ଦାମୋଦର ପାଟଣା ଠାରେ ୨୦ ଫୁଟ ଲମ୍ବର କୁମ୍ଭିର ବୁଲୁଥିବା ର ଦେଖିବାକୁ ମିଳୁଛି. କୁମ୍ଭିର ଆକ୍ରମଣ ରେ ପୂର୍ବ ବର୍ଷ ଏହି ଅଞ୍ଚଳ ରୁ ତିନୋଟି ମୂଲ୍ୟବାନ ଜୀବନ ଯାଇଥିବାବେଳେ ଏ ବର୍ଷ କୁମ୍ଭିର କୁ ଦେଖି ନଦୀ କୁଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି. ମୁଖ୍ୟତଃ ଅଳପୁଆ,ଦାମୋଦର ପାଟଣା, ସୁବଳପୁର, ରାମନାୟକଡିଆ, ଘାଗରାଡିଆ, ତୁଳସୀଡିଆ, କୂଳସାହି, ନାହିଆଡିଆ, ପଥୁରିଆଡିଆ, ଅଳିଆଡିଆ ଓ ଜଗନ୍ନାଥପୁର ଲୋକ ମାନେ ଭୟଭୀତ ହୋଇ ପଡ଼ିଛନ୍ତି. ବ୍ରାହ୍ମଣୀ ନଦୀ ଉପରେ ଏହି ସବୁ ଗ୍ରାମ ର ଲୋକ ମାନେ ଓତଃପ୍ରୋତ ଭାବେ ଜଡିତ ଓ ନିର୍ଭରଶୀଳ. ପାନୀୟଜଳ ବ୍ୟବସ୍ଥା ଏହି ଅଞ୍ଚଳରେ ପହଂଚି ପାରି ନ ଥିବାରୁ ଲୋକ ମାନେ ମୂଖ୍ୟତ ଶୌଚ ହେବା ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି. ଯେଉଁ ସବୁ ବ୍ୟାରିକେଡ ହୋଇଥିଲା ତାହା ସମ୍ପୁର୍ଣ୍ଣ ଭାବେ ଭାଙ୍ଗିଯାଇଛି. ବନବିଭାଗ କେବଳ ପ୍ରଚାର କରି ଦେଇ ତା କାମ ସାରି ଦେଇଚି. ସରକାର ଏଥି ପ୍ରତି ଧ୍ୟାନ ଦେଇ ବ୍ୟାରିକେଡ ଗୁଡିକୁ ମରାମତି କରିବା ପାଇଁ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା,ସମିତି ସଭ୍ୟ ରାମଚନ୍ଦ୍ର ସେଠି,ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ସମାଜସେବୀ ଗଗନ ମହାଳିକ, ସୁବାସ ସାହୁ, କିଶୋର ରାଉତ,ସୁକାନ୍ତ ରାଉତ, ରବୀନ୍ଦ୍ର ପରିଡା, କୈଳାସ ଦାସ, ରବୀନ୍ଦ୍ର ଧଳ ପ୍ରମୁଖ ଦାବି କରିଛନ୍ତି।

# କୁଜଙ୍ଗ ଅଁଳରୁ ୫ ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କଲା ବ୍ୟାସ ଫାଉଣ୍ଡେସନ, ଜିଲ୍ଲାରେ ଅସହାୟ କେନ୍ଦ୍ର ପ୍ରତିଷ୍ଠା ଦାବୀ

ପାରାଦୀପ - ଜଗତସିଂହପୁର ଜିଲ୍ଲାର ଏକ ମାତ୍ର ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ସମାଜ ସେବାକୁ ବ୍ରତ ଭାବେ ପାଳନ କରି ଜିଲ୍ଲରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କ୍ଷ ଉକ୍ତ ସାମାଜିକ ସଂଗଠନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ନିଜ ସୁଖ ସାନିଧ୍ୟ କୁ ପଛରେ ପକାଇ ସୁସ୍ଥ ସମାଜ ଗଠନ କରିବା ଦିଗରେ ତାଙ୍କର ଅବଦାନ ଅତୁଳନୀୟ । ବିଶେଷ କରି ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟଙ୍କର ରାସ୍ତା ପତିତ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ପ୍ରତି ଏକ ସ୍ୱତନ୍ତ୍ର ଅନୁକମ୍ପା ଓ ଆନ୍ତରିକତା ରହିଛି । ଦୀର୍ଘ ଦିନ ହେବ ପାରାଦୀପ ରୁ କଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ସମସ୍ତଙ୍କ ପାଇଁ ଅବାଞ୍ଛିତ ଓ ଅଲୋଡ଼ା ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଉଦ୍ଧାର ଏବଂ ଚିକିତ୍ସା କରି ନୀଳାଚଳ ସେବା ପ୍ରତିଷ୍ଠାନ ପୁରୀର କଣାସ ଠାରେ ଥଇଥାନ କରି ଆସୁଛନ୍ତି। ଜିଲ୍ଲା ପ୍ରଶାସନ ବିଶେଷ କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରଶାସନିକ ସାହାଯ୍ୟକୁ ସମ୍ବଳ କରି ଏଭଳି କାର୍ଯ୍ୟରେ ଅପୂରନ୍ତ ଆନନ୍ଦ ପାଇଛନ୍ତି ଶ୍ରୀମତୀ ଆଚାର୍ଯ୍ୟ ।




ନାନା ବାଧା ପ୍ରତିବନ୍ଧକ ମଧ୍ୟରେ ନିଜ ସଙ୍କଳ୍ପରୁ ଓହରି ନାହାନ୍ତି ସଂଗଠନର ଅଧ୍ୟକ୍ଷା । ଗତ ସୋମବାର ଦିନ କୁଜଙ୍ଗ ଓ ତତ୍ ସଂଲଗ୍ନ ଅଞ୍ଚଳରୁ ମାତ୍ରାଧିକ ମାନସିକ ସ୍ଥିତି ବିଗିଡି ଯାଇଥିବା , ବିଭିନ୍ନ ସମୟରେ ସେହି ଅଞ୍ଚଳରେ ନାନା ଅପ୍ରୀତିକର ଘଟଣା ଘଟାଉଥିବା ୫ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି ସାମୟିକ ଚିକିତ୍ସା ପରେ ସଂଗଠନର ସଭାପତି ଡ. ସିଦ୍ଧ ?ଶ୍ୱର ପଣ୍ଡାଙ୍କ ସହାୟତାରେ ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଥଇଥାନ କରାଯାଇଥିଲା। ଏଠାରେ ସ୍ମରଣ ଯୋଗ୍ୟ ଆମ ଜିଲ୍ଲାରେ ଏକ ଅସହାୟ କେନ୍ଦ୍ର ନଥିବାରୁ ପ୍ରଶାସନ ଆଗୋଚରରେ ଅନେକ ଅସହାୟ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ମାତ୍ର ସ୍ୱତଃ ଏକ ସଂଗଠନ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ନୈଦିନ ଏପରି କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ଅସହଯୋଗ କରିବା ଅନେକଙ୍କୁ ବିସ୍ମୟ କରିଛି । ତେବେ ଏଠାରେ ପ୍ରଶ୍ନ ଉଠେ ଏପରି ସ୍ୱର୍ଶ କାତର ଘଟଣାକୁ ପ୍ରଶାସନର ବିମୁଖତାର ରହସ୍ୟ କଣ ? ତେବେ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ପ୍ରଶାସନକୁ ଏଭଳି ବ୍ୟକ୍ତି ବିଶେଷଙ୍କ ପାଇଁ ସହାୟତାର ହାତ ବଢ଼ାଇବା ପାଇଁ ଅନୁରୋଧ କରିଛନ୍ତି , ଅନ୍ୟଥା ପ୍ରଶାସନର ଅଜାଣତରେ ଅନେକ ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନେ ଗାଡ଼ି ଚକତଳେ ମରିବା ସଙ୍ଗେ ସଙ୍ଗେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଥିବା ପରିବାର ଯେ କେତେବେଳେ ନିଃସ୍ୱ ହେଇଯିବେ ତାହା ସମୟ ହିଁ କହିବ।

# ରେଳବାଇ ଚାକିରି ଦେବା ଆଳରେ ୬୨.୫ ଲକ୍ଷ ଠକେଇରେ ନାରୀନେତ୍ରୀ ଗିରଫ

ଭୁବନେଶ୍ୱର: ଭୁବନେଶ୍ୱର କମିଶନରେଟପୋଲିସ ବାନ୍ଧିଲା ନାରୀନେତ୍ରୀଙ୍କୁ, ନିଜକୁ କେତେବେଳେ ନାରିନେତ୍ରୀ, ସମାଜ ସେବୀ, କେତେବେଳ କ୍ୟାମେରା ଆଗରେ ତାରକା ତ କେତେବେଳେ ରେଳବାଇରେ ଟ୍ରେନ ଟିକେଟ ନିରୀକ୍ଷକ। ସେହି ବହୁରୁପି ନାରିନେତ୍ରୀଙ୍କ ପଛରେ ଦଉଡୁଥିଲେ ବାପ, ମା ଠାରୁ ଆରମ୍ଭ କରି ବେକାରୀ ଯୁବକ ଯବତୀ। ଆସନ୍ତୁ ଜାଣିବା ଘଟଣାର ସମ୍ପୂର୍ଣ୍ଣ ରହସ୍ୟ। ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଭୁବନେଶ୍ୱରରୁ ଜଣେ ନାରୀନେତ୍ରୀଙ୍କୁ ଗିରଫ କରିଛି। ଯେଉଁ ବହୁରୁପି ନାରୀନତ୍ରୀ, ଦିର୍ଘ ଦିନରୁ ରାଜଧାନୀରେ ଚିଲ୍ଲେଇ ଚିଲ୍ଲେଇ ନିଜକୁ ବିଖ୍ୟାତ ପ୍ରଖ୍ୟାତ ସମାଜସେବୀ ଭାବରେ ପରିଚିତ କରାଉଥିବା ତଥା ସହିତ କିଛି ଆତ୍ମଘୋଷିତ ୧ ନମ୍ବର୍ ମିଡ଼ିଆ ବାଲାଙ୍କ କ୍ୟାମେରାର ତାରା



ସାଜିଥିବା ମହିଳାଙ୍କ କାହାଣୀ। ଠକ ନାରୀନେତ୍ରୀ ଯାଜପୁର ବରୀରାମଚନ୍ଦ୍ରପୁର ବନ୍ଧପଡ଼ାର ଶୁଭଲକ୍ଷ୍ମୀ ରାଉତ ଓରଫ ନାୟକ (୨୮)। ପୁଲିସ୍ ତାଙ୍କଠାରୁ ଦୁଇଟି ପାସବୁକ୍ ଜବତ କରିଛି। ଅପରପକ୍ଷେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଓରଫ୍ ବସନ୍ତ ସିଂହ ଫେରାର୍ ହୋଇଯାଇଛି। ପୂର୍ବରୁ ଏହି ମାମଲାରେ ମାଷ୍ଟର୍ ?ମାଇଣ୍ଡ ତଥା କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା ଗିରଫ ହୋଇଥିଲେ। ଆଜି ଶୁଭଲକ୍ଷ୍ମୀଙ୍କୁ ମିଶାଇ ଏହି ଠକେଇ ମାମଲାରେ ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ୨୦୨୩ ମସିହାରେ ଏହି ଠକେଇର ଜାଲ ବିଛାଯାଇଥିଲା। ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ। ଏ. ବିଘ୍ନେଶ୍ୱର ରାଓ ସେମାନଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ପରିଚୟ କରାଇଥିଲେ। ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଗାଇଡ୍ ?ରେ ଚାକିରୀ ପାଇଥିଲେ। ଏବେ ଟ୍ରେନ ଟିକେଟ ନିରୀକ୍ଷକ(ଟିଟିଇ) ଭାବେ କାର୍ଯ୍ୟରତ ଅଟନ୍ତି, କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ଏପରିକି, ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚଅଧିକାରୀଙ୍କ ଭିନ୍ନଭିନ୍ନ ଫଟୋ ଦେଖାଇଥିଲେ । ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍ ?ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରି ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଯାଇଥିଲେ। ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡ଼ିବା ପରେ କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ବିଘ୍ନେଶ୍ୱରଙ୍କୁ ଗିରଫ କରିଥିଲା। ଶୁଭଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସମରଜିତ ଫେରାର୍ ହୋଇଯାଇଥିଲେ। ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଳିଙ୍ଗ ବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଛି। ସମରଜିତ ରାଉତ ଓରଫ ବସନ୍ତ ସିଂହକୁ ଧରିବାରେ ସଫଳ ହୋଇନାହାନ୍ତି।

# ଭବେଷ ଚାନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଶ୍ରଦ୍ଧାଞ୍ଜଳୀ ଦେଲେ ବିଶିଷ୍ଟ ବ୍ୟକ୍ତିତ୍ୱ



ପଟ୍ଟାମୁଣ୍ଡାଇ: କେନ୍ଦ୍ରାପଡା ସହରର ମହାନ ସମାଜସେବୀ ତଥା ୧୧ ନଂ. ୱାର୍ଡର ପୂର୍ବତନ କାଉନସିଲର ଭାଇ ଭବେଷ ଚାନ୍ଦଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀ ସାନ୍ତସାହି ସ୍ଥିତ ବଳଦେବଜୀୟୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ସ୍ୱର୍ଗତ ଭବେଷ ଚାନ୍ଦ ଜଣେ ମହାନ ସମାଜସେବୀ ଓ ଫୁଟବଲ ଖେଳାଳୀ ଭାବେ ପରିଚିତ ଥିଲେ । ସେ ନ୍ୟାସନାଲ କ୍ଲବ ଓ ମର୍ଣ୍ଣିଷ୍ଟାର କ୍ଲବରେ ଫୁଟବଲ ଖେଳୁଥିଲେ । ତାଙ୍କୁ କେନ୍ଦ୍ରାପଡା ବାସୀ ଆଦରର ସହ ବାବୁଆ ଭାଇ ବୋଲି ସମ୍ବୋଧନ କରୁଥିଲେ । ସେଥିପାଇଁ ତାଙ୍କ ସୁପୁତ୍ର ବିବେକ ଚାନ୍ଦ ତାଙ୍କରି ଆଦର୍ଶକୁ ନେଇ ଲୋକଙ୍କ ସେବା କରୁଛନ୍ତି । ଶ୍ରୀ ଚାନ୍ଦ ଆଗକୁ ମଧ୍ୟ ତାଙ୍କ ସେବା କାର୍ଯ୍ୟ ଜାରି ରଖନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚ୍ଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ସମାଜସେବୀ ଇଞ୍ଜିନିୟର ଅଜୟ କୁମାର ବେହେରା, ବିଜେଡି ରାଜ୍ୟ ସ୍ତରୀୟ ଯୁବ ନେତା ରଞ୍ଜିତ ସାହୁ(ଧନୀ), ଯୁବନେତା ରାଜେଶ ପଣ୍ଡା, ପୂର୍ବତନ କାଉନସିଲର ପ୍ରକାଶ ପରିଡା, ହିରଣ୍ୟ ପଣ୍ଡା, ମଙ୍ଗଳ ବରଣ ସିଂ, ସାମ୍ବାଦିକ ସଂଘ ସଭାପତି ପରେଶ ଚନ୍ଦ୍ର ଦାସ, କାଉଁସିଲର ଅଭୟ କୁମାର ବେହେରା, କାଳି ପ୍ରସାଦ ମିଶ୍ର, ସମାଜସେବୀ ବୀର କିଶୋର ସାହୁ,ସେକ ଅଞ୍ଜାନ,ଯୁବ ନେତା ଶଶିକାନ୍ତ ବଳ(ପୁଅ), ବିକାଶ ମାହାଳିକ, ପାପୁଆ ପୃଷ୍ଟି, ବିଜୟ କୁମାର ମଣ୍ଡଳ, ତାଙ୍କ ଭାଇ ସୁବାଶ ଚାନ୍ଦ, ସମିର ଚାନ୍ଦ, ସୁକୁମାର ଚାନ୍ଦ ସମ୍ଭୁ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ସୌମ୍ୟଶ୍ରୀଙ୍କ ମୃତ୍ୟୁରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୋକସଭା

ଯାଜପୁର: ଏଫ୍.ଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରିବା, ଶାସକ ବିଜେପି ଦଳରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଛାତ୍ରୀଙ୍କ ଅଭିଯୋଗ ପରେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତିଦେବା ଛାତ୍ରୀ ଓ ମହିଳାମାନଙ୍କର ନିରାପ । ସୁନିଶ୍ଚିତ କରିବା, ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ କରିବା, ଅଶ୍ଳୀଳତା ଓ ମଦ ମାଦକ ଦ୍ରବ୍ୟର ପ୍ରଚର ପ୍ରସାର ବନ୍ଦ କରିବା ପ୍ରଭୃତି ଦାବୀରେ ଏସ୍.ୟୁ.ସି.ଆଇ (ସି) ପକ୍ଷରୁ ଯାଜପୁର ଠାରେ ଏକ ଶୋକ ଦିବସ ପାଳିତ ହୋଇଯାଇଛି।



# ଆରୋମା ମ୍ୟାଜିକ୍ ବର୍ତ୍ତମାନ ଏକ ନୂତନ ରୂପରେ



ଭୁବନେଶ୍ୱର,୧୫।୭ (ନି.ପ୍ର) : ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତ୍ତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ । ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ,' କହିଛନ୍ତି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ତଥା ଭାରତରେ ଆରୋମାଥେରାପିର ଅଗ୍ରଣୀ ଡ. ବ୍ଲୋସୋମ କୋଚର। ଗଛର ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ । ନିଶ୍ୱାସ ପ୍ରଶ୍ୱାସରେ ଥିବା ସୁଗନ୍ଧ ଲିମ୍ବିକ୍ ସିଷ୍ଟମକୁ ଉତ୍ସାହିତ କରିଥାଏ - ଭାବନା ଏବଂ ସ୍ମୃତିର ଘର - ଯେତେବେଳେ କି ସାମୟିକ ପ୍ରୟୋଗ ଧୀରେ ଧୀରେ ଶାରୀରିକ ଆରାମ ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରେ । ପ୍ରତ୍ୟେକ ବୁନ୍ଦା ପୃଥିବୀ ସହିତ ଆମର ଗଭୀର ସମ୍ପର୍କ ଏବଂ ଏହାର ବୁଦ୍ଧିକୁ ସ୍ୱାଭାବିକ ଭାବରେ ମନେ ପକାଇଦିଏ । ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଂଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ଭୁବନେଶ୍ୱର ଲାଇଫଂ ହୋଟେଲ୍‌ରେ "ପାରସୀ ଖାଦ୍ୟ ଉତ୍ସବ"

ଭୁବନେଶ୍ୱର,୧୫।୭ (ନି.ପ୍ର) : ଗ୍ରାହକଙ୍କ ଚାହିଦା ଓ ଅନୁରୋଧକୁ ଧ୍ୟାନରେ ରଖି ଭୁବନେଶ୍ୱର ଭୁବନେଶ୍ୱର ଲାଇଫଂ ହୋଟେଲ୍‌ରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ହେଉଛି "ପାରସୀ ଖାଦ୍ୟ ଉତ୍ସବ ଯାହା ୧୧ ଜୁଲାଇରୁ ୧୬ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହା ହେଉଛି ଏକ ସ୍ୱାଦ ଯାତ୍ରା – ଯେଉଁଥିରେ ଆପଣ ପାଇପାରିବେ ପାରସୀ ଖାଦ୍ୟର ଐତିହ୍ୟ, ପରିଚୟ ରୁଚି ଏବଂ ଆତ୍ମାର ସ୍ୱାଦ।

ଏହି ଉତ୍ସବର ଖାସ ଆକର୍ଷଣ ହେଉଛି ବିଖ୍ୟାତ ସେଫ୍ ଡାଉଗ୍‌ଡୋ ରାଗିନା,ଯିଏ ପାରସୀ ଖାଦ୍ୟକୁ ଦେଇଛନ୍ତି ତାଙ୍କର ବିଶେଷ ସ୍ପର୍ଶ। ଚିକେନ୍ କୋକୋନଟ୍ କାରିର କ୍ରିମି ମଧୁରତା, ମଟନ୍ ଧନ୍ସାକ୍ ସହିତ ମଟନ୍ ମିନ୍ସ କବାବ୍, ଅଥବା ଚିକେନ୍ ଧନ୍ସାକ୍ ସହିତ କବାବ୍ – ପ୍ରତ୍ୟେକ ଡିସ୍ ଅଦ୍ଭୁତ ମିଶ୍ରଣ ଅଟୁଟ ରୁଚିର ଦାବି କରେ। ତିକ୍ତା-ଟମାଟୋ ରସ ଭରିତ ପ୍ରନ୍ସ ପାଟିଓ ଓ ଫିଶ୍ ପାଟିଓ, ସେପରି ଜାରଦାଲୁ ମା ଚିକେନ୍ ଓ ଜାରଦାଲୁ ମା ଗୋଷ୍ତ – ଯେଉଁଠାରେ ମସୁରି ମାଂସ ଏବଂ କଜୁରୀର ମିଶ୍ରଣ ହୃଦୟକୁ ଛୁଇଁଯାଏ। ପାରସୀ ଖାଦ୍ୟ ହେଉଛି ପାରସିଆ ମୂଳ ଓ ଭାରତୀୟ ଆତ୍ମାର ଏକ ସୁନ୍ଦର ମିଶ୍ରଣ – ପ୍ରତ୍ୟେକ ଖାଦ୍ୟ ରେ ଅଛି ଏକ କାହାଣୀ, ଏକ ଅନୁଭୂତି। ଯଦି ଆପଣ ପାରସୀ ଖାଦ୍ୟ ପ୍ରେମୀ କିମ୍ବା ପ୍ରଥମ ଥର ପାଇଁ ଚାଖିବାକୁ ଚାହୁଁଛନ୍ତି, ତେବେ ଏହି ଉତ୍ସବ ଅପୂର୍ବ ଅବସର।

# ବିଜୁଳି ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର, ୧୫।୭ : ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସକାଶେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ବିଦ୍ୟୁତପୁରୀ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ନୀଳାଚଳ ନଗର, ଖୋଡାସିଙ୍ଗି, ବିଦ୍ୟୁତପୁରୀ ଅଞ୍ଚଳର ପ୍ରାୟ ୩ ହଜାର ଉପଭୋକ୍ତା ଉପକୃତ ହେଉଛନ୍ତି। ପୂର୍ବରୁ ଏହି ସବଷ୍ଟେସନରେ ୫ ଏମଭିଏ ବିଶିଷ୍ଟ ଦୁଇଟି ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୮ ଏମଭିଏକୁ ବୃଦ୍ଧି କରାଯିବା ପରେ ସବଷ୍ଟେସନର ମୋଟ କ୍ଷମତା ୧୩ ଏମଭିଏ ହୋଇଛି। ବିଶେଷ କରି ବିଜୁଳି ଚାହିଦା ଅଧିକ ଥିବା ସମୟରେ ଏହି ଉନ୍ନତିକରଣ ପଦକ୍ଷେପ ସହାୟକ ହେବ। ଏହାସହ ସବଷ୍ଟେସନକୁ ଏକ ଅତିରିକ୍ତ ସୋର୍ସ ଫିଡ୍ ସଂଯୋଗ କରାଯାଇଛି। ଯାହାଫଳରେ ବିଜୁଳି ଯୋଗାଣ ଉନ୍ନତ ହେବା ସହ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଆବାସିକ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରୁଛି। ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଉପଭୋକ୍ତାଙ୍କୁ ଏକ ସ୍ଥାୟୀ ଏବଂ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଦିଗରେ ଏହା ଆମ ପ୍ରତିବଦ୍ଧତାକୁ ଦର୍ଶାଏ। ବ୍ରହ୍ମପୁର ସହରର କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ ବିଦ୍ୟୁତ ବିତରଣ ନେଟଓ୍ୱାର୍କ ସୁଦୃଢ଼ କରିବାରେ ଆମ ଟିମ୍ ନିରନ୍ତର ପ୍ରୟାସ କରୁଅଛି।' ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷିତ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇ ଆସୁଛି, ଯାହା ସ୍ଥାନୀୟ ଅଞ୍ଚଳର ବିକାଶ ସହ ଗୋଷ୍ଠୀ ସଶକ୍ତିକରଣରେ ସହାୟକ ହେଉଅଛି।

# ପ୍ରାଇମ ଡେ'କୁ ସଫଳ କରିବା ପଛରେ କର୍ମଚାରୀଙ୍କ ଉଲ୍ଲେଖନୀୟ ଭୂମିକା




ଭୁବନେଶ୍ୱର,୧୫।୭ : ଆମାଜନ ଇଣ୍ଡିଆର ବହୁପ୍ରତିକ୍ଷୀତ ପ୍ରାଇମ ଡେ' ଚଳିତଥର ଅନେକ ଉନ୍ନତ ଡିଲ, ସଂଚୟ, ନୂଆ ଲଂଚ ଓ ସ୍ୱତନ୍ତ୍ର ମନୋରଞ୍ଜନ ଆଣିଛି । କିନ୍ତୁ ଏହି ଇଭେଂଟକୁ ସଫଳ କରିବା ପଛରେ ନିରନ୍ତର କାର୍ଯ୍ୟ କରୁଥିବା ଆମାଜନ ସହଯୋଗୀ, ପାର୍ଟନର ଓ କର୍ମଚାରୀମାନେ ରହିଛନ୍ତି। ଠିକ ଯେପରି ଚେନ୍ନାଇସ୍ଥିତ ଆମାଜନର ଫୁଲ୍‌ଫିଲମେଂଟ ସେଂଟରରେ ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ସରିଶ ନାୟରଙ୍କ କାହାଣୀ, ଯେକି ଭାରତୀୟ ନୌସେନାର ଆଭିଏଶନ କ୍ୟାଡରରେ ଦୀର୍ଘ ଦୁଇ ଦଶନ୍ଧିର ସ୍ୱତନ୍ତ୍ର ସେବା ପରେ ଏବେ ଆମାଜନକୁ ନିଜର ନେତୃତ୍ୱ, ଶୃଙ୍ଖଳା ଓ ପରିଚାଳନାଗତ ଦକ୍ଷତା ଆଣିଛନ୍ତି ଏବଂ ବ୍ୟାପକ ସ୍ତରରେ ଦକ୍ଷତା ଓ ଗ୍ରାହକ ସନ୍ତୁଷ୍ଟିକରଣକୁ ପରିଚାଳନା କରିବାରେ ସାହାଯ୍ୟ କରୁଛନ୍ତି। ନିଜ ମିଲିଟାରୀ କ୍ୟାରିୟର ସମୟରେ ସରିଶ ଟେକ୍ନିକାଲ ଫ୍ଲାଇଟ କ୍ରୁର ଅଂଶ ଥିଲେ, ଯିଏକି ଜରୁରୀ ଯୋଗାଯୋଗ, ନାଭିଗେଶନ ଓ ଜଟିଳ ସିଷ୍ଟମଗୁଡ଼ିକୁ ପରିଚାଳନା କରି ହେଲିକପ୍ଟର ଓ ଫାଇଟର ଏୟାରକ୍ରାଫ୍ଟର ଯୁଦ୍ଧ ପ୍ରସ୍ତୁତିକୁ ସୁନିଶ୍ଚିତ କରୁଥିଲେ। ୨୦୨୪ରେ ସରିସ ଆମାଜନରେ ଜଣେ ସିନିଅର ଇନ୍‌ଭେଷ୍ଟିଗେଶନ ସ୍ପେଶିଆଲିଷ୍ଟ ଭାବେ ଯୋଗ ଦେଇଥିଲେ। ଗତ ଜାନୁଆରୀ ୨୦୨୫ରେ ସେ ଜଣେ ଏରିଆ ମ୍ୟାନେଜର ଭାବେ ଆମାଜନ ଇଣ୍ଡିଆ ଅପରେଶନ୍ସରେ ଯୋଗ କାର୍ଯ୍ୟ ଆରମ୍ଭ କରିଥିଲେ।

ଏସମ୍ପର୍କରେ ସରିଶ କହିଛନ୍ତି, "ମୋ ଟିମ ଓ ମୁଁ ଇନ୍‌ଭେଂଟୋରୀ ଫ୍ଲୋକୁ ସମନ୍ୱିତ କରିଛୁ, ବିନ ବ୍ୟବହାରକୁ ଉନ୍ନତ କରିଛୁ ଏବଂ ପ୍ରତ୍ୟେକ ଷ୍ଟୋର ଯେପରି ସୁଗମ ଓ ସଠିକ ହେବ ତାହା ନିଶ୍ଚିତ କରିଛୁ। ଆମେ ପ୍ରତିଦିନ ଷ୍ଟାଣ୍ଡ-ଅପ, ପ୍ରସ୍ତୁତି ଅଭ୍ୟାସ ପରିଚାଳନା କରୁଛୁ, ସୁରକ୍ଷା ନିୟମଗୁଡ଼ିକୁ ସୁଦୃଢ଼ କରୁଛୁ ଏବଂ ଆସୋସିଏଟମାନଙ୍କୁ ତତ୍ପର ରହିବା ପାଇଁ ପ୍ରଶିକ୍ଷିତ କରୁଛୁ।" ସରିଶ ମହତ୍ୱ ଦେଇଛନ୍ତି ଯେ, ପ୍ରାଇମ ଡେ କେବଳ ଏକ ଇଭେଂଟ ନୁହେଁ ଏହା ବ୍ୟାପକ ସ୍ତରରେ ଖୁସି ପ୍ରଦାନ କରିବାର ଏକ ପ୍ରତିଶ୍ରୁତିବଦ୍ଧତା ଅଟେ। ଆମେ ମଧ୍ୟ ସାଉଟ-ଆଉଟ, ଆପ୍ରିସିଏଶନ କାର୍ଡ ଓ ଟିମ ରିଓ୍ୱାର୍ଡ ସେରିମନି ସହିତ ମିଳିତ ଭାବେ ବିଜୟକୁ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଥାଉ।" ସେ ଆହୁରି ମଧ୍ୟ କହିଛନ୍ତି, "ସାମରିକ ସେବାକୁ ପରିଭାଷିତ କରୁଥିବା ଶୃଙ୍ଖଳା, ଦାୟିତ୍ୱ ଓ ମିଶନ ପ୍ରତି ପ୍ରତିବଦ୍ଧତା ଭଳି ନୀତିଗୁଡ଼ିକ ଖୁବ୍ ସହଜରେ ଆମାଜନ ନେତୃତ୍ୱ ସିଦ୍ଧାନ୍ତ ସହ ସମନ୍ୱିତ ହୋଇଛି। ଏହି ନେତୃତ୍ୱ ସିଦ୍ଧାନ୍ତଗୁଡ଼ିକ ମୋତେ ସ୍ୱଚ୍ଛତା ଓ ଲକ୍ଷ୍ୟ ସହିତ କର୍ପୋରେଟ ଦୁନିଆର ସାମ୍ନା କରିବା ପାଇଁ ସାହାଯ୍ୟ କରିଥିଲା। ଏହା କେବଳ ୨ୟ କ୍ୟାରିୟର ନୁହେଁ ଏହା ପ୍ରଭାବୀ ସେବା ଜାରି ରଖିବା ପାଇଁ ଏକ ମଂଚ ଅଟେ।" କିଭଳି ଉଦ୍ଦେଶ୍ୟ, ଆଗ୍ରହ ଓ ଦୃଢ଼ ନେତୃତ୍ୱ ବିଭିନ୍ନ କ୍ଷେତ୍ରକୁ ଅତିକ୍ରମ କରିପାରିଥାଏ ଏବଂ କିଭଳି ଦକ୍ଷ ସୈନିକମାନେ ସଠିକ ସହଯୋଗ ଓ ସଂସ୍କୃତି ସହ ଆମାଜନରେ ନୂତନ ଓ ଅର୍ଥପୂର୍ଣ୍ଣ ଉପାୟରେ ସଫଳ ହୋଇପାରିବେ ଓ ନେତୃତ୍ୱ ନେଇପାରିବେ, ସରିଶଙ୍କ କାହାଣୀ ତାହାର ଏକ ଜ୍ୱଳନ୍ତ ଉଦାହରଣ ଅଟେ।

# ବେଦାନ୍ତ ଆଲୁମିନିୟମରେ ଅତ୍ୟାଧୁନିକ ଡ୍ରାଇଭର କଲ୍ୟାଣ କମ୍ପ୍ଲେକ୍ସ ଉଦଘାଟିତ



ଝାରସୁଗୁଡା,୧୫।୭ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର କାର୍ଯ୍ୟ ମଧ୍ୟରେ ଏକ ଅତ୍ୟାଧୁନିକ ଡ୍ରାଇଭର କଲ୍ୟାଣ କମ୍ପ୍ଲେକ୍ସ ଉଦଘାଟନ କରିଛି। ନୂତନ ତାଲିମ, ବିଶ୍ରାମ ଏବଂ ପରିଷ୍କାର ପରିଚ୍ଛନ୍ନତା ସୁବିଧାକୁ ଅନ୍ତର୍ଭୁକ୍ତ କରି, ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ମଧ୍ୟରୁ ଗୋଟିଏରେ ନିର୍ବିଘ୍ନ କାର୍ଯ୍ୟକୁ ସମର୍ଥନ କରୁଥିବା ଏହାର ଅନେକ ଲଜିଷ୍ଟିକ୍ସ ଅଂଶୀଦାରଙ୍କ କାର୍ଯ୍ୟକ୍ଷମ ଉତ୍କର୍ଷତା, ସୁରକ୍ଷା ଏବଂ କଲ୍ୟାଣ ଉପରେ କମ୍ପାନୀର ଧ୍ୟାନକୁ ପ୍ରତିଫଳିତ କରେ।

ନୂତନ ଭାବରେ ବିକଶିତ ଏହି କମ୍ପ୍ଲେକ୍ସ ଏକ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା ସ୍ଥାନ ଯାହା ଡ୍ରାଇଭରମାନଙ୍କ ପାଇଁ ଆରାମ ଏବଂ ସାମଗ୍ରିକ କାର୍ଯ୍ୟ ପରିବେଶକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଏଥିରେ ଏକ ଉତ୍ସର୍ଗୀକୃତ ଡ୍ରାଇଭର ପରିଚାଳନା କେନ୍ଦ୍ର ରହିଛି, ଯାହା ଡ୍ରାଇଭରମାନଙ୍କ ପାଇଁ ନିୟମିତ ତାଲିମ ଏବଂ ଦକ୍ଷତା ବୃଦ୍ଧି ଅଧିବେଶନ ଆୟୋଜନ କରିବ। ଏହି ସୁବିଧାରେ ବିଶ୍ରାମ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ ଅଛି ଯାହା ଦୀର୍ଘ ଅପେକ୍ଷା ସମୟରେ ୮୦ ଜଣ ଡ୍ରାଇଭରଙ୍କୁ ରଖିପାରିବ, ଏବଂ ଏକ କ୍ୟାଂଟିନ୍ ମଧ୍ୟ ଅନ୍ତର୍ଭୁକ୍ତ ଯାହା ଏକ ସମୟରେ ୪୨ ଜଣ ଲୋକଙ୍କୁ ସେବା ଯୋଗାଇ ପାରିବ। ମୁଖ୍ୟ ଟ୍ରକ୍ ପାର୍କିଂ ଅଂଚଳରେ ସ୍ୱଚ୍ଛ ପାନୀୟ ଜଳ ଷ୍ଟେସନ ଏବଂ ଏକ ନବନିର୍ମିତ ୱାଶରୁମ୍ ସୁବିଧା ମଧ୍ୟ ଅତ୍ୟାବଶ୍ୟକୀୟ ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ସେବାର ପ୍ରବେଶ ସୁନିଶ୍ଚିତ କରିଛି। ବେଦାନ୍ତ ଝାରସୁଗୁଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ପ୍ରକାଶ କରି କହିଛନ୍ତି, "ଆମର କାର୍ଯ୍ୟରେ ଏକ ବ୍ୟାପକ, ବହୁ-ମୋଡାଲ୍ ଲଜିଷ୍ଟିକ୍ସ ନେଟଓ୍ୱାର୍କ ରହିଛି ଯାହା ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଗ୍ରହ ଏବଂ ଭାରତ ଏବଂ ବିଶ୍ୱର ବିଭିନ୍ନ ଅଂଶକୁ ଆମର ବିଶ୍ୱସ୍ତରୀୟ ଉତ୍ପାଦ ପଠାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମର ଡ୍ରାଇଭରମାନେ ଏହି ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଆମର କାର୍ଯ୍ୟର ସୁଗମ କାର୍ଯ୍ୟକୁ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହି ସୁବିଧା ସେମାନଙ୍କୁ ଏକ ସ୍ୱଚ୍ଛ, ନିରାପଦ ଏବଂ ସମ୍ମାନଜନକ ପରିବେଶ ପ୍ରଦାନ କରିବା ପାଇଁ ବିକଶିତ କରାଯାଇଛି ଯାହା ସେମାନଙ୍କ ଆରାମ ଏବଂ କଲ୍ୟାଣକୁ ସମର୍ଥନ କରେ।" ନୂତନ ସୁବିଧା ବିଷୟରେ ନିଜର ମତାମତ ଦେଇ, ବେଦାନ୍ତ ଆଲୁମିନିୟମ ସହିତ ଜଡିତ ଡ୍ରାଇଭର ବଳରାମ ସାହୁ କହିଛନ୍ତି, "ବେଦାନ୍ତ ସର୍ବଦା ଆମର ଆବଶ୍ୟକତାଗୁଡ଼ିକର ଯତ୍ନ ନେଇଛି ଏବଂ ଏକ ପରିବେଶ ନିର୍ମାଣ କରିଛି ଯାହା ଆମକୁ ଆମର ସର୍ବୋତମ ପ୍ରୟାସ ପ୍ରଦାନ କରିବାକୁ ସକ୍ଷମ କରିଥାଏ। ଏହି ନୂତନ ସୁବିଧା ଆରାମଦାୟକ ଏବଂ ଭଲ ଭାବରେ ଡିଜାଇନ୍ କରାଯାଇଛି ଏବଂ ଆମର କାର୍ଯ୍ୟଦିବସକୁ ସହଜ କରିବା ପାଇଁ ପ୍ରସ୍ତୁତ। ଆମେ ଏହି ନୂତନ ସୁବିଧାଗୁଡ଼ିକୁ ପ୍ରଶଂସା କରୁଛୁ ଏବଂ ସ୍ୱାଗତ କରୁଛୁ।"

# ସନ୍ଦୀପ ଚୌଧୁରୀ ବିକଶିତ ଭାରତ ସଙ୍କଳ୍ପ ସଂସ୍ଥାର ଜାତୀୟ ଅଧ୍ୟକ୍ଷ ଓ ଟ୍ରଷ୍ଟି ନିଯୁକ୍ତ



ଭୁବନେଶ୍ୱର,୧୫।୭ (ନି.ପ୍ର) : ପରିବେଶ ପ୍ରତି ପ୍ରତିବଦ୍ଧତା ଓ ସାମାଜିକ ଆନ୍ଦୋଳନଗୁଡ଼ିକ ପାଇଁ ସୁପରିଚିତ ଜଣେ ଦୂରଦୃଷ୍ଟିସମ୍ପନ୍ନତ ନେତା ଶ୍ରୀ ସନ୍ଦୀପ ଚୌଧୁରୀଙ୍କୁ ବିକଶିତ ଭାରତ ସଙ୍କଳ୍ପ ସଂସ୍ଥାର ନୂଆ ଜାତୀୟ ଅଧ୍ୟକ୍ଷ ଓ ଟ୍ରଷ୍ଟି ଭାବେ ନିଯୁକ୍ତ କରାଯାଇଛି। ବୃକ୍ଷରୋପଣ ଅଭିଯାନ ଓ ଜଳବାୟୁ ସଚେତନତା କ୍ୟାମ୍ପେନଗୁଡ଼ିକ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ନେତୃତ୍ୱ ନେଇଥିବା ଶ୍ରୀ ଚୌଧୁରୀ ପଦଭାର ଗ୍ରହଣ କରିବା ସମୟରେ ବିଶ୍ୱର ସବୁଠାରୁ ବଡ ଆବାସିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଏକ ନିର୍ଭୀକ ସଙ୍କଳ୍ପ ନେଇଛନ୍ତି । ଏହା ଏଭଳି ଏକ ବିଶ୍ୱବିଦ୍ୟାଳୟ ହେବ ଯାହା କେବଳ ଡିଗ୍ରୀ ପ୍ରଦାନ କରିବ ନାହିଁ ବରଂ ଛାତ୍ରଛାତ୍ରୀମାନଙ୍କର ଏକ ପିଢିକୁ ଦେଶପ୍ରେମ, ଉଦ୍ଭାବନ, ସେବା ଭାବନା, ବୈଜ୍ଞାନିକ ଉତ୍କର୍ଷତା ଓ ସାଂସ୍କୃତିକ ସଚେତନତା ସହ ସମୃଦ୍ଧ କରିବ।

ବିକଶିତ ଭାରତ ସଙ୍କଳ୍ପ ସଂସ୍ଥା, ୟୁଥ୍ ଫର ନେଶନର ୧୭ ବର୍ଷର ରାଷ୍ଟ୍ର ନିର୍ମାଣ ଅଭିଜ୍ଞତାରୁ ଜନ୍ମିତ ଏକ ପଦକ୍ଷେପ ଅଟେ। 'ସେବା ହିଁ ସଙ୍କଳ୍ପ, ସଂସ୍କାର ହିଁ ସମର୍ପଣ' ଉଦ୍ଦେଶ୍ୟ ସହିତ ଏହି ଅନୁଷ୍ଠାନ ଶିକ୍ଷା, ସୁରକ୍ଷା, ସେବା, ସଂସ୍କୃତି, ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭରଶୀଳତା ଭଳି ବିକାଶର ୬ଟି ସ୍ତମ୍ଭ ପ୍ରତି ପ୍ରତିବଦ୍ଧ ରହିଛି। ଶ୍ରୀ ଚୌଧୁରୀଙ୍କ ନେତୃତ୍ୱ ଅଧିନରେ ଏହି ଅନୁଷ୍ଠାନ ଏବେ ଉତ୍ସାହ, ଲକ୍ଷ୍ୟ ଓ ଆନ୍ତର୍ଜାତୀୟ ପହଂଚର ଏକ ନୂତନ ଯୁଗରେ ପ୍ରବେଶ କରିଛି। ଏହି ସ୍ମରଣୀୟ ମୁହୂର୍ତ୍ତରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ମେଂଟର ତଥା ଜଣେ ଆରଏସଏସ ପ୍ରଚାରକ ଓ ଦୂରଦୃଷ୍ଟିସମ୍ପନ୍ନ ଲିଡର ଡକ୍ଟର ମହେଶ ଶର୍ମା ଏକ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି ଯାହା କେବଳ ଏକ କ୍ୟାମ୍ପସ ହେବ ନାହିଁ ବରଂ ପରିବର୍ତ୍ତନର ଏକ ଜାତୀୟ ତୀର୍ଥସ୍ଥଳ ହେବ। ଏହି ଅବସରରେ 'କର୍ମବୀର ସମ୍ମାନ ସମାରୋହ' କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା, ଯେଉଁଠାରେ ସାମାଜିକ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଦେଶବ୍ୟାପୀ ପରିବର୍ତ୍ତନକାରୀଙ୍କୁ ସେମାନଙ୍କର ନିରନ୍ତର ସେବା ଓ ସାମୁଦାୟିକ ପ୍ରଭାବର ସ୍ୱୀକୃତିରେ ପ୍ରମାଣପତ୍ର ଓ ପାରମ୍ପରିକ ସାଲ ଦିଆଯାଇ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ବର୍ଷ ପୂର୍ତ୍ତି ପାଳନ କରୁଛି ତନିସ୍କ




ଭୁବନେଶ୍ୱର,୧୫।୭ (ନି.ପ୍ର) : ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ୍ ବ୍ରାଣ୍ଡ୍ ତନିସ୍କ ଓଡ଼ିଶାରେ ଏହାର 'ଚନ୍ଦ୍ରଶେଖରପୁର ଷ୍ଟୋର୍'ର ୧୫ ବର୍ଷ ପୂର୍ତ୍ତିକୁ ପାଳନ କରୁଛି। ଚନ୍ଦ୍ରଶେଖରପୁରରେ ତନିସ୍କର ସଫଳ ଯାତ୍ରା ବ୍ରାଣ୍ଡ୍ ପ୍ରଦାନ କରୁଥିବା ଭରସା, କାରିଗରୀ ଏବଂ କାଳଜୟୀ ସୁନ୍ଦରତାର ପ୍ରକୃତ ପ୍ରତିଫଳନ। ବହୁ ମୂଲ୍ୟବାନ ଗ୍ରାହକଙ୍କ ନିରନ୍ତର ସହଯୋଗ ଏବଂ ଆସ୍ଥା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ବ୍ରାଣ୍ଡ୍ ପକ୍ଷରୁ ସୁନା ଗହଣା ଏବଂ ହୀରା ଗହଣା ଗଢ଼ା ମଜୁରି ଉପରେ ୨୦ଧ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କା ରିହାତି ଉପଲବ୍ଧ। ଏହାସହିତ ତନିସ୍କର ସୁନା ଏକ୍ସଚେଞ୍ଜ ପ୍ରୋଗ୍ରାମ୍‌ର ଅଂଶବିଶେଷ ବ୍ରାଣ୍ଡ୍ ପକ୍ଷରୁ ଦେଶର ଯେକୌଣସି ଗହଣା ଷ୍ଟୋର୍‌ରୁ କିଣାଯାଇଥିବା ପୁରୁଣା ସୁନା ବଦଳ ଉପରେ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ। ଗ୍ରାହକଙ୍କ ବିଶ୍ୱାସ ଏବଂ ସ୍ମାର୍ଟ କ୍ରୟକୁ ଏହା ସୁଦୃଢ଼ କରିବ। ଚନ୍ଦ୍ରଶେଖରପୁର ଷ୍ଟୋର୍‌ର ୧୫ ବର୍ଷ ପୂର୍ତ୍ତି ଅବସରରେ ଷ୍ଟୋର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଭୂତି ପ୍ରଦାନ କରୁଛି। ବ୍ରାଣ୍ଡ୍‌ର ଉତ୍କୃଷ୍ଟ ଗହଣା ସମ୍ଭାରକୁ ଆବିଷ୍କାର କରିବାକୁ ଷ୍ଟୋର ଗ୍ରାହକଙ୍କୁ ଆମନ୍ତ୍ରଣ କରୁଛି। ୧୦,୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏ ଷ୍ଟୋର୍‌ରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା ଏବଂ କୁନ୍ଦନ ଓ ପୋଲ୍‌କୀ ଡିଜାଇନ୍‌ରେ ବିସ୍ତୃତ ବର୍ଗର ଆଇକନିକ୍ ତନିସ୍କ କାରିଗରୀକୁ ପ୍ରଦର୍ଶିତ କରାଯାଇଛି। ସେଲିବ୍ରେଶନ୍‌ର ଅଂଶବିଶେଷ ଷ୍ଟୋର୍ ପକ୍ଷରୁ ଏହାର ନୂଆ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍'କୁ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଏମରାଲ୍ଡ, ସିଟ୍ରିନ୍, ଆକ୍ୱାମାରାଇନ୍, ସାଭୋରାଇଟ୍, ମାଲାଚିଟେ, ତାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ସମେତ ଅନ୍ୟାନ୍ୟ ଦାମୀ ଏବଂ ଅର୍ଦ୍ଧ-ଦାମୀ ରତ୍ନପଥରରେ ପ୍ରସ୍ତୁତ ବ୍ୟାପକ ସମ୍ଭାର ଅଣାଯାଇଛି। ଅଭିନବ ପାଟର୍ଣ୍ଣରେ ଏଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଆଧୁନିକ ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା 'ଇଲାନ୍' କଲେକ୍ସନ ଉପଲବ୍ଧ, ଯାହା ନରମ ଢାଞ୍ଚା, କୋମଳ ଫ୍ଲୋରାଲ ମୋଟିଭ ଏବଂ ଚିଲାଇ ପେଭ୍ ସେଟ୍ ହୀରା ଦ୍ୱାରା ଅନୁପ୍ରାଣିତ। ଷ୍ଟୋର୍‌ରେ ମଧ୍ୟ 'ସ୍ରୋତିକା' କଲେକ୍ସନ ରହିଛି, ଯାହା ଜୀବନ ପ୍ରବାହର ସାରକୁ ପ୍ରତିଫଳିତ କରେ ଏବଂ ସୌନ୍ଦର୍ଯ୍ୟରେ ସଜ୍ଜିତ। ଏହାସହିତ ଷ୍ଟୋରରେ ବ୍ରାଣ୍ଡ୍‌ର ନୂତନ ଫେଷ୍ଟିଭ୍ କଲେକ୍ସନ 'ନବରାଣୀ' ରହିଛି, ଯାହା ରାଜ ଦରବାର, ରାଜପ୍ରସାଦ ଏବଂ ଭାରତର ବହୁମୂଲ୍ୟ ଐତିହ୍ୟର ମହିମା ଦ୍ୱାରା ଅନୁପ୍ରାଣିତ। ଆକର୍ଷଣୀୟ ଏବଂ ସମସାମୟିକ ଡେଲିଓ୍ୱେର୍ ଗହଣା 'ଗ୍ଲାମ୍‌ଡେଜ୍' ସହିତ ଏକ ଆଧୁନିକ , ସମସାମୟିକ ଏବଂ ହାଲୁକା ଗହଣା କଲେକ୍ସନ 'ଷ୍ଟ୍ରିଙ୍ଗ୍ ଇଟ୍' ଉପଲବ୍ଧ। ସ୍ୱତନ୍ତ୍ର ମଙ୍ଗଳସୂତ୍ର କଲେକ୍ସନ 'ଡୋର୍' ରହିଛି, ଯାହାକି ହିନ୍ଦୁ ବିବାହର ପବିତ୍ର ଧାରାରୁ ଅନୁପ୍ରାଣିତ। ଭାରତୀୟ ବିବାହ ପରମ୍ପରାକୁ ପାଳନ କରିବା ପାଇଁ ବ୍ରାଣ୍ଡ୍‌ର ବିବାହ ଗହଣା ଉପ-ବ୍ରାଣ୍ଡ୍ 'ରିବା ବାୟ ତନିସ୍କ' ଏଠାରେ ଉପଲବ୍ଧ।

# ନିଖିଳ ଭାରତ ସେବା ସଂଘର ସାଧାରଣ ଅଧିବେଶନ




କଟକ, ୧୫।୦୭ (ନି.ପ୍ର) : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଖିଳ ଭାରତ ସେବା ସଂଘର ସାଧାରଣ ଅଧିବେଶନ ସଂଘର ସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ପୌରହିତ୍ୱରେ ବାଖରାବାଦସ୍ଥିତ ଗାନ୍ଧୀଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଚାରପତି ବିଜୟ କୁମାର ରାଉତରାୟ, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ପଣ୍ଡା ଏବଂ ଆଇନଜୀବୀ ଅମିତ ପ୍ରସାଦ ବୋଷ ପ୍ରମୁଖ ଉପସ୍ଥିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେପରେ ଦିବଂଗତ ସଭ୍ୟା ସଂଘମିତ୍ରା ମଲ୍ଲିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟର ନିରବ ପାର୍ଥନା କରାଯାଇଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଦେବଦତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅଧିବେଶନରେ ଉପଦେଷ୍ଟା ଶ୍ରୀଧର ଦାସ, ରମଣୀ ରଞ୍ଜନ ଦାସ, ମହେନ୍ଦ୍ରନାଥ ଓଝା, ରାମଚନ୍ଦ୍ର ସାହୁ, ଭୂବନାନନ୍ଦ ପଣ୍ଡା, ସ୍ୱର୍ଣ୍ଣପ୍ରଭା ଗ୍ରହାଚର୍ଯ୍ୟା, ଉପସଭାପତି ଧରଣୀଧର ଦାସ, ଯୁଗ୍ମସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଡିଟର ବିଜୟ କୁମାର ଧଳ, କାର୍ଯ୍ୟନିର୍ବାହୀ ସଦସ୍ୟ ଝରାଶ୍ରୀ ଦାସ, ଅକ୍ଷୟ କୁମାର ନାୟକ, ଅନିମା ସ୍ୱାଇଁ, ମନୋରାମା ସାହୁ, ସିଲା ସିଂହ, ନିତ୍ୟାନନ୍ଦ ନନ୍ଦ, ରବିନାରାୟଣ ମହାନ୍ତି, ଆଦିକନ୍ଦ ସାହୁ, ରାଜେଶ କୁମାର ପାତ୍ର, ଜଗଦୀଶ ମହାପାତ୍ର, ଅମୂଲ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ବବିତା ଦାଶ ଅତିଥି ପରିଚୟ ଓ ଝରାଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



# ଯୌତୁକ ଜନିତ ବଧୂହତ୍ୟା, ସ୍ୱାମୀ ଶଶୁର ଗିରଫ



କୃଷ୍ଣପ୍ରସାଦ,(ମନ୍ଥନ ନ୍ୟୁଜ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଗୋପକୁଦା ଗାଁ ରେ ଯୌତୁକ ଜନିତ ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଶଶୁର କୃଷ୍ଣପ୍ରସାଦ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ଗୋପକୁଦା ଗ୍ରାମର ରାମଚନ୍ଦ୍ର ଦଳେଇ ୧୪ ବର୍ଷ ପୂର୍ବ ସାତପଡା ଗଡ଼ର ବେଣୁଧର ପରିଡାଙ୍କ ଝିଅକୁ ପ୍ରେମ ବିବାହ କରିଥିଲେ। ବିବାହ ର କିଛି ବର୍ଷ ପରେ ସ୍ୱାମୀ ଶଶୁର ଯୌତୁକ ଆଣିବା ପାଇଁ କହି ବହୁ ନିର୍ଯାତନା ଦେଉଥିଲେ। ପିତା ଘର ର ଆର୍ଥିକ ଅବସ୍ଥା ଭଲ ନ ଥିବା ଯୋଗୁଁ ଦାବି କରୁଥିବା ଯୌତୁକ ଦେଇ ପାରି ନ ଥିଲେ। ତେବେ ପ୍ରତିରୋଧ ପରାୟଣ ହୋଇ ଗତ ତା ୭. ୭. ୨୦୨୫ ରିଖରେ ବଧୂ କୁ ହତ୍ୟା କରିଥିବା କୃଷ୍ଣପ୍ରସାଦ ଥାନା ରେ ଝିଅ ର ପିତା ବେଣୁଧର ପରିଡା ଅଭିଯୋଗ କରିଥିଲେ। କୃଷ୍ଣପ୍ରସାଦ ଥାନାରେ ୧୫୪/ ୨୫ ରେ ଏକ କେଶ ରୁଜୁ କରି କୃଷ୍ଣପ୍ରସାଦ ପୋଲିସ ତଦନ୍ତ ଆରମ୍ଭ କରିଥିଲେ। କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାଗଗ୍ରାହୀ ରାଉତ ଙ୍କ ନିର୍ଦ୍ଦେଶ କ୍ରମେ ଏସ.ଆଇ. ଚନ୍ଦ୍ରଶେଖର ନାୟକ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତ ସ୍ୱାମୀ ରାମଚନ୍ଦ୍ର ଦଳେଇ, ଶଶୁର ପୁର୍ଣ ଚନ୍ଦ୍ର ଦଳେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଗ୍ରୀନ ପାରିକୁଦର ଚାରା ରୋପଣ




କୃଷ୍ଣପ୍ରସାଦ, (ମନ୍ଥନ ନ୍ୟୁଜ): କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ପାରିକୁଦ ପକ୍ଷରୁ ଚାରିଛକ ସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଗଛ ମଣିଷ ଅମିତା ତରେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ବିଦ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ମାନେ ସାମିଲ ହୋଇ ବିଦ୍ୟାଳୟ ହତା ମଧରେ ଝାଉଁ ଚାରା ରୋପଣ କରିଥିଲେ। ପ୍ରଥମ ଦିବସରେ ୧ ଶହ ଚାରା ରୋପଣ କରାଯାଇଥିବା ବେଳେ ୩ ଶହ ଚାରା ରୋପଣ କରିବା ଲକ୍ଷ୍ୟ ରଖିଥିବା କହିଛନ୍ତି ସଂଗଠନର ଆବାହକ ଯୁବ ପରିବେଶବିତ ହିମାଂଶୁ ଶେଖର ନାୟକ । ବରିଷ୍ଠ କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ସଂଗଠନର ମୀନାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରାହ୍ମଣୀ ଦେବୀ ମନ୍ଦିରରେ ବିଜେପି କର୍ମୀ ସମିଳନୀ

ଚୌଦ୍ୱାର: ଟାଙ୍ଗୀ, ଚୌଦ୍ୱାର ବ୍ଲକ ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ବ୍ରାହ୍ମଣୀ ଦେବୀ ମନ୍ଦିରରେ ବିଜେପି କର୍ମୀ ସମିଳନୀ ଆୟୋଜନ ହୋଇଯାଇଛି, ହରିଅନ୍ତା ପଞ୍ଚାୟତ ବିଜେପି ର ପ୍ରମୁଖ ପ୍ରବୋଧ କୁମାର ରାଉତରାୟ ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ଟାଙ୍ଗୀ, ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଙ୍କ ସହିତ ଚୌଧୁରୀ ହେମନ୍ତ କୁମାର ସାହୁ ସହିତ ମଣ୍ଡଳ ସଭାପତି ଲକ୍ଷଣ ସାହୁ ଯୋଗଦେଇଥିଲେ, ଆଗକୁ ହରିଅନ୍ତା ପଞ୍ଚାୟତ ରେ ବିଜେପି ଆହୁରି ଶକ୍ତିଶାଳୀ ହେବ ସେ ବିଷୟରେ ଅରିନ୍ଦମ ରାୟ ବିଜେପି କର୍ମୀ ମାନଙ୍କ ସହିତ ଆଲୋଚନା କରିଥିଲେ ସେ କହିଥିଲେ ସବୁ ସରକାର ଙ୍କ ଯୋଜନା କେମିତି ସାଧାରଣ ଗରିବ ଲୋକ ମାନଙ୍କ ପାଖରେ ପହଞ୍ଚିବ ସେ ବିଷୟରେ ଆଲୋଚନା କରିଥିଲେ, ଏଥିରେ ହରିଅନ୍ତା ପଞ୍ଚାୟତ ବିଜେପି କର୍ମୀ କର୍ତ୍ତା ଯୋଗଦେଇଥିଲେ ପୂର୍ବତନ ମଣ୍ଡଳ ସଭାପତି ଦେବାଶିଷ ପ୍ରଧାନ ଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମୀ ସମିଳନୀ ରେ ତାପସ ରାଉତରାୟ, ଅମରେନ୍ଦ୍ର ରାଉତରାୟ, ଗୌରାଙ୍ଗ ରାଉତରାୟ, ରମାକାନ୍ତ ରାଉତରାୟ, ଅମୁଲ୍ୟ ରଞ୍ଜନ ରାଉତରାୟ, ପ୍ରଦୀପ ରାଉତରାୟ, ଅନିରୁଦ୍ଧ ବିଶ୍ୱାଳ,, ତୁଷାର ସାହୁ, ଧୀରେନ୍ଦ୍ର ଦାସ, ପୁରୁଷୋତ୍ତମ ଖୁଣ୍ଟିଆ, ତ୍ରିଲୋଚନ ଖୁଣ୍ଟିଆ, ବସନ୍ତ ଖୁଣ୍ଟିଆ,ଦେବାଶିଷ ପରିଡା,ଭାସ୍କର ରାଉତରାୟ, ଶ୍ରୀଚନ୍ଦନ, ନୀଳିମା ରାଉତରାୟ, ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା ରେ ସହଯୋଗ କରିଥିଲେ, ଏହା ସହ ବିଜେପି କର୍ମୀ ମାନେ ନିଜ ନିଜ ଓ୍ୱାର୍ଡ ରେ ଥିବା ବିଭିନ୍ନ ସମସ୍ୟା ନେଇ ଅରିନ୍ଦମ ରାୟ ଙ୍କ ଆଗରେ ପ୍ରକାଶ କରିଥିବା ବେଳେ ଏହାକୁ ଶୀଘ୍ର ପ୍ରଶାସନିକ ସ୍ତରରେ ସମାଧାନ କରାଯିବ ବୋଲି ଶ୍ରୀ ରାୟ ପ୍ରତିଶୃତି ଦେଇଛନ୍ତି।




# ବାଲେଶ୍ୱରର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଯାଜପୁର, (ମନ୍ଥନ ନ୍ୟୁଜ): ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଓ ନିର୍ଯ୍ୟାତନା ଯୋଗୁ ଛାତ୍ରୀ ଜଣକ ଆତ୍ମାହୂତି ଦେଇ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି । ଏହାକୁ ନେଇ ସମଗ୍ର ରାଜ୍ୟରେ ବିରୋଧୀ ଶାସକ ଦଳ ଉପରେ ଦୋଷ ଲଦୁଥିବା ବେଳେ ଯାଜପୁର କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆଜି ଏନସି କଲେଜ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ର କଂଗ୍ରେସର ସଭାପତି ଅନୁପମ ମଲ୍ଲିକ ଓ ଯୁବ କଂଗ୍ରେସର କୁମାର ଆଶୁତୋଷଙ୍କ ପ୍ରତିନିଧିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ଏବଂ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମଧ ଅପାରଗ ବୋଲି କହିବା ସହ ଏହି ଘଟଣାରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ । ଏହି ପରୀପ୍ରେକ୍ଷୀରେ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ,ରବି ପ୍ରକାଶ ନାୟକ,ସମୀର ବାରିକ, ଆଶିଷ କୁମାର ମଲ୍ଲିକ, ସୁଜିତ ମଲ୍ଲିକ, ସୂର୍ଯ୍ୟମଣି ଖିଲାର,ଯଯାତୀ କେଶରୀ ନାୟକ,ଅନନ୍ତ ପଣ୍ଡା,ହିମାଂଶୁ ନାୟକ, ଚିତରଂଜନ ନାୟକ,ଚନ୍ଦନ ନାୟକ, ହୃଦାନନ୍ଦ ଦାସ,ଆନନ୍ଦ ବାରିକ,ପ୍ରକାଶ ଜେନା, ଗୟାଧର ନାୟକ,ବିରଂଚି ସ୍ୱାଇଁ,ସୁପ୍ରଶନ୍ନ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦ,ଗଦାଧର ଦାସ, ଦୁଯୋଧନ ବେହେରା,ଭାସ୍କର ମହାନ୍ତି,ସଂଗ୍ରାମ ସାହାଣୀ,ବିଭୂତି ମହାପାତ୍ର,ବିଳାସ ରାଉତ,ନକୁଳଦେବ ସାହୁ,ବିଜୟ ମହାପାତ୍ର,ଦେବାଶିଷ ସାମଲ,ସନ୍ଦିପ କର,ଅନନ୍ତ ଜେନା ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇଥିଲେ।




# ଆସନ୍ତା ୧୬ରୁ କେନ୍ଦୁଝରରେ ସାହାଣୀ କପ ଫୁଟବଲ

କେନ୍ଦୁଝର, (ମନ୍ଥନ ନ୍ୟୁଜ): କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା ଓ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ସହାୟତାରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ୬୪ତମ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା ଆସନ୍ତା ୧୬ ତାରିଖ ବୁଧବାର ଠାରୁ କେନ୍ଦୁଝରେ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି କ୍ଷ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟ ଏକାଦିକ୍ରମେ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁର ଠାରେ ଚାରୋଟି ସ୍ଥାନରେ ୧୬ ତାରିଖ ଠାରୁ ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି କ୍ଷ ଏନେଇ ଗତକାଲି ସନ୍ଧ୍ୟାରେ କେନ୍ଦୁଝର ସେଣ୍ଟ୍ରାଲ କୋପେରେଟିଭ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜକ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ କେନ୍ଦୁଝର ଜୋନରେ ଗ୍ରୁପ 'ଏ ' ରେ ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବାଲେଶ୍ୱର ଏବଂ ଢେଙ୍କାନାଳ ସ୍ଥାନ ପାଇଥିବା ବେଳେ ଗ୍ରୁପ 'ବି ' ରେ ଘରୋଇ କେନ୍ଦୁଝର ଡ ସହ ଯାଜପୁର, ରାଉରକେଲା ଷ୍ଟିଲପ୍ଲାଣ୍ଟ ଏବଂ ଅନୁଗୋଳ ଦଳ ସ୍ଥାନ ପାଇଛନ୍ତି କ୍ଷ ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ଖେଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି କ୍ଷ ପ୍ରଥମ ମ୍ୟାଚ୍‌ଟି ଅପରାହ୍ନ ୨ଟା ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ଟି ଅପରାହ୍ନ ୪ଟା ରେ ଅନୁଷ୍ଠିତ ହେବ କ୍ଷ ଆସନ୍ତା ୨୩ ତାରିଖରେ ଅପରାହ୍ନ ୪ଟା ରେ ଜୋନାଲ ଫାଇନାଲ ରାଉଣ୍ଡରେ ଗ୍ରୁପ 'ଏ ' ର ବିଜେତା ଗ୍ରୁପ 'ବି ' ର ବିଜେତାକୁ ଭେଟିବ। ଏହି ଟୁର୍ନାମେଣ୍ଟର ସୁପରିଚାଳନା ପାଇଁ ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ସ୍ୱୀକୃତିପ୍ରାପ୍ତ ରେଫରୀ ସୁବ୍ରତ ପୁରୋହିତ, ଆଶୀର୍ବାଦ କାନୁନଗୋ, ଉତ୍କଳମଣି ବେହେରା, ଶୁଭମ ପାତ୍ର ଜିତେନ୍ଦ୍ରିୟ ଥାନାପତି, ଅରୁଣ ନାୟକ, ଦେବରାଜ ସ୍ୱାଇଁ, ଜଗନ୍ନାଥ କହ୍ନର, ରତ୍ନାକର ସୋରେନ, ବାପୁନ ମହାନ୍ତ, ସନ୍ତୋଷ ମହାକୁଡ଼ ଏବଂ ରାଇମୋହନ ମୁର୍ମୁ ପ୍ରମୁଖ ୧୨ ଜଣ ସ୍ଥାନ ପାଇଥିବା ବେଳେ ବରଗଡ଼ର ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇବେ ବୋଲି ଜଣାଯାଇଛି କ୍ଷ ଏହି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତିକରି ଜାତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫି ପାଇଁ ଖେଳାଳି ଚୟନ କରାଯିବ କ୍ଷ ଗତକାଲି ଏହି ଟୁର୍ନାମେଣ୍ଟ ପାଇଁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର କୁମାର ପାଢ଼ୀ, କୋଷାଧକ୍ଷ ସରୋଜ କୁମାର ରଣା, କାଉନସିଲ ସଦସ୍ୟ ସୁରେଶ ଚନ୍ଦ୍ର ରଣା ଓ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ବିରୁଳି ତାଲୁକା ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତାଙ୍କ ଦାୟିତ୍ୱ ଗ୍ରହଣ ଏବଂ ଶପଥପାଠ ବୈଠକ

ଗଞ୍ଜାମ, (ମନ୍ଥନ ନ୍ୟୁଜ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିରୁଳି ତାଲୁକା ବିଶ୍ୱକର୍ମା ସମାଜର ଏକ ବୈଠକ ସନ୍ତୋଷପୁର ପଞ୍ଚାୟତ ର ସାନ ଗୋପାଳପୁର ସ୍ଥିତ ନୀଳ କଣ୍ଠେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସମାଜର ଉପଦେଷ୍ଟା କୈଳାସ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୁଳର ଉନ୍ନତିକରଣ ସଂସ୍କାର ସମ୍ପର୍କରେ ଆଲୋଚନା ହୋଇଥିଲା କ୍ଷ ଉକ୍ତ ବୈଠକରେ ନୂତନ କର୍ମକର୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇ ତାଲୁକାର ଦାୟିତ୍ୱ ଗ୍ରହଣ କରିଥିଲେ । କମାର ରାଜଶ୍ରୀ ରାମଚନ୍ଦ୍ର ମହାରଣା (ସନ୍ତୋଷପୁର), ବଢେଇ ରାଜଶ୍ରୀ ଙ୍କ ଗୌରହରି ମହାରଣା ପୁତ୍ର ବିଜୟ ମହାରଣା ( ବଳରାମପୁର), ଉପଦେଷ୍ଟା ୧) କୈଳାସ ଚନ୍ଦ୍ର ମହାରଣା, (ଚୌଧୁରୀ ସାହି, ଗଂଜାମ) ଶାନ୍ତନୁ ମହାରଣା (ସନ୍ତୋଷପୁର) ପରାମର୍ଶଦାତା ରାଜେଶ ମହାରଣା (ରମ୍ଭା), ସଭାପତି ରବିନ୍ଦ୍ର ମହାରଣା (ପୁରୁଷୋତମ ?ପୁର), ଉପ-ସଭାପତି ଅନାଥ ମହାରଣା ( ବଳରାମପୁର), କାର୍ଯ୍ୟକାରୀ ସଭାପତି ୧) ରାମହରି ମହାରଣା (ବରଦା), ୨) ବଂଶୀଧର ମହାରଣା (ରମ୍ଭା), ସମ୍ପାଦକ ଗଣେଶ ମହାରଣା (ଭୂଆଁଭୂଇଁ), ସହ ସମ୍ପାଦକ ଦୁର୍ଗା ପ୍ରସାଦ ମହାରଣା, (ରମ୍ଭା), କୋଷାଧକ୍ଷ ବାବୁଆ ମହାରଣା (ଗୋବା) ଏବଂ କାର୍ଯ୍ୟକାରୀ ସଭ୍ୟ ୧) ପ୍ରମୋଦ ମହାରଣା, ୨) ରମେଶ ମହାରଣା, ୩) ବିକ୍ରମ ମହାରଣା, ୪) ଉଦୟନାଥ ମହାରଣା, ୫) ପିତବାସ ମହାରଣା, ୬) କାଳିଆ ମହାରଣା, ୭) ଲିଙ୍ଗରାଜ ମହାରଣା, ୮) ରବିନ୍ଦ୍ର ମହାରଣା (ବରଦା), ୯) ଭଗବାନ ମହାରଣା, ୧୦) ଅରୁଣ ମହାରଣା ୧୧) ଦୁର୍ଯ୍ୟୋଧନ ମହାରଣା, ୧୨) ହରି ମହାରଣା ଏବଂ ଗ୍ରାମ୍ୟ ସଭାପତି ଅମୁଲ୍ୟ ମହାରଣା (ମଲାଡ) ବଳରାମ ମହାରଣା ( ପାଲଙ୍ଗ), ପ୍ରକାଶ ମହାରଣା (ଭୁଆଁଭୁଇଁ) ପ୍ରମୁଖ ନିଜ ନିଜର ଦାୟିତ୍ୱଭାର ଗ୍ରହଣ କରି କୁଳ ସମାଜ ସଂଘର ଉନ୍ନତି ଏବଂ ନିସ୍ୱାର୍ଥପର ଭାବରେ କାର୍ଯ୍ୟ ତୁଲାଇବା ପାଇଁ ଭଗବାନ ବିଶ୍ୱକର୍ମା ଏବଂ ପ୍ରଭୂ ନୀଳକଣ୍ଠେଶ୍ୱର ଙ୍କ ନିକଟରେ ଶପଥ ଗ୍ରହଣ କରିଥିଲେ। ଶେଷରେ ନୂତନ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ଜ୍ୟୋସ୍ନାରାଣୀ ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ଜଗତସିଂହପୁର, (ମନ୍ଥନ ନ୍ୟୁଜ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତ ନହରପଡ଼ା ଗ୍ରାମର ଧର୍ମପରାୟଣା, ପରୋପକାରୀ, ମିଷ୍ଟଭାଷୀ ଜ୍ୟୋସ୍ନାରାଣୀ ଦାସଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ କରାଯାଇଥିଲା । ଉକ୍ତ ସଭାର ପ୍ରାରମ୍ଭରେ ସ୍ୱର୍ଗତା ଦାସଙ୍କ ଫଟୋଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଏହି କାର୍ଯକ୍ରମରେ ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକ , ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ମନୋରଞ୍ଜନ ଜେନା , ପୂର୍ବତନ ସରପଞ୍ଚ ନାରାୟଣ ଦାସ, ରଞ୍ଜନ କୁମାର ବାରିକ,ବୀରବର ଦାସ, ଦୁର୍ଗାଚରଣ ଦାସ, ସାହେବ ଜେନା, ଯୁବନେତା ଇଂ ଜ୍ଞାନ ରଞ୍ଜନ ଜେନା, ହେମନ୍ତ କୁମାର ରାଠସିଂହ, ସୁବୋଧ କୁମାର୍ ରାଠସିଂହ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରସନ୍ନ କୁମାର ଦାସ, ସଜନ କୁମାର ଦାସ ଓ ସଞ୍ଜୀବ କୁମାର ଦାସ ସଂଯୋଜନା କରିଥିଲେ।



# ଦେଶି ମଦ ପାଉଚ ଆସର, ପଚ୍ଚାଙ୍ଗିର ମାଲ ସେମିଳିଗୁଡା ସହରର ବ୍ୟବସାୟି ମାଲାମାଲ

କୋରାପୁଟ, (ନିପ୍ର): ଦେଶିମଦ ହେଉ କି ବିଦେଶିମଦ ମଦ ଚୋରା ଚାଲାଣ, ବେଆଇନ ବିକ୍ରି କୁନେଇ ଅବକାରି ବିଭାଗର ଧରପଗଡ ଚାଲୁ ରହିଛି। ଭିତିରିଆ ସଲାସୁତୁରା ରେ ବାହାରୁ ସେମିଳିଗୁଡା ସହରରେ ବିହାରି ଦେଶି ପାଉଚ ମଦ ପଶି ବିକ୍ରି ହେବା ଓ ସହରର କିଛି ବ୍ୟବସାୟି ମାଲାମାଲ ହେଉଥିବା ମଧ୍ୟ ଜଣାପଡିଛି। ଏହିପରିପେକ୍ଷିରେ ଅବକାରି ବିଭାଗର କଡା ପଦକ୍ଷେପ ରହିଥିବା ବିଭାଗ ତରଫରୁ ସୂଚନା ମିଳିଛି। କୋରାପୁଟ ଜିଲ୍ଲାରେ ଅବକାରିବିଭାଗର କିଛି ସଚୋଟ ଅଧିକାରିଙ୍କ ଉପସ୍ଥିତି ଓ କାର୍ଯ୍ୟାନୁଷ୍ଠାନକୁ ନେଇ ଧିରେ ଧିରେ ଅବାଧ୍ୟରେ ମଦବିକ୍ରି ଓ ଅନ୍ୟତ୍ର ଚୋରା ଚାଲାଣ ସହିତ ସହର ଭିତରେ ବିହାରି ଦେଶିମଦ ବିକ୍ରି ବନ୍ଦ ରହିଥିବା ଜଣାଯାଇଛି। ଏଥିରେ ଲୋକଙ୍କୁ ସୁସ୍ଥ, ଆରୋଗ୍ୟ ଜୀବନ ଯାପନରେ ସଂପୂର୍ଣ୍ଣ ସହାୟକ ହେଉଥିବା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରି ଲାଇସେନ୍ସ ମଦ ବିକ୍ରିକୁ ନେଇ ସରକାର ରାଜସ୍ୱରେ ବୃଦ୍ଧିରେ ବିଭାଗର ଭୂମିକା ଅହମ ଗ୍ରହଣ କରିଆସିଛି। ଜିଲ୍ଲାର କିଛି ସମ୍ବେଦନଶୀଳ ସହରରେ ଅବକାରି ବିଭାଗର ଧରପଗଡ ଜୋର ଧରିଥିବା ବେଳେ କଳା ଓ ନକଲି ମଦ ବ୍ୟବସାୟ ଲିନ ହେବାରେ ଲାଗିଛି। ହେଲେ ବି ସେମିଳିଗୁଡା ସହରରେ କିଛି ଭାଡି ବ୍ୟବାସୟିମାନେ ଦେଶି ପାଉଚ କୁ ଭିତିରିଆ ପ୍ରବେଶ କରି ବିକ୍ରି କରୁଛନ୍ତି ଏବଂ ଅନ୍ୟ ବ୍ୟବସାୟିମାନଙ୍କକ ସହ ଗଣ୍ଡଗୋଳ କରି ଦାଦାଗିରି କରିବା ଭଳି ଖବର ଜଣାପଡିଛି। ଯାହାକି ସରକାରି ବିଦେଶି ମଦ ବିକ୍ରିର ହ୍ରାସ ଦେବା ଓ ରାଜସ୍ୱ କମିବାରେ ଲାଗିଛି। ଅବାଧ୍ୟରେ ପଚ୍ଚାଙ୍ଗି ବିହାରି ଦେଶି ଭାଟି ମଦ ପାଉଚ ଆସି ସହରରେ ରାସ୍ତା କଡରେ ବିକ୍ରି ହେଉଥିବା ଖବର ଚାଚଂଲ୍ୟ କରିଛି। ବକ୍ରି କରୁଥିବା ବ୍ୟବସାୟି ଜଣଙ୍କ କାହାକୁ ଖାତିରି କରୁଥିବା ଓ ଏହାର ପଛଦ ପଟରେ ବିହାରି ଦେଶି ଭାଟି ମାଲିକ ହାତ ଥିବା ନେଇ ମଧ୍ୟ ନଜିରକୁ ଆସିଛି। ଛାତିକୁ ଫୁଲାଇ କାହାକୁ ଖାତିରି ନ କରି ବ୍ୟବସାୟି ଖୁଲ ଖୋଲା ବିକ୍ରି କରିବାରେ ଲାଗିଛି। ଏହାକୁ ନେଇ ଅବକାରି ନୀରିକ୍ଷକ ସୁଧିର ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ, କିଛି ଦିନ ପୂର୍ବରୁ ଏହିପରି ଜଣେ ବ୍ୟକ୍ତି ବଲଇଗୁଡା ଛକରେ କରୁଥିବା ଖବର ପାଇ ଖବର ନେଇ ଚଢାଉ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେବା ସହ ଅଗାମି ଦିନରେ ବ୍ଲକ କଲୋଣିନିକଟରେ ଥିବା ବ୍ୟବସାୟିଙ୍କୁ ମଧ୍ୟ ଅତର୍କିତ ଚଢାଉ କରାଯିବା ନେଇ କହିଥିଲେ।

# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା) ଦ୍ୱିତୀୟ ତ୍ରୈମାସିକ ବୈଠକ ଅନୁଷ୍ଠିତ

ବଲାଙ୍ଗିର, (ମନ୍ଥନ ନ୍ୟୁଜ) : ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା)ର ଦ୍ୱିତୀୟ ତ୍ରୈମାସିକ ବୈଠକ କମିଟିର ଅଧକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ, ଅଧକ୍ଷା, ଦେବକୀ ସାହୁ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଉପ ମୁଖ୍ୟମନ୍ତ୍ରୀ ତଥା ବିଧାୟକ, ପାଟଣାଗଡଙ୍କ ପ୍ରତିନିଧି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ତଥା ବିଧାୟକ, ଲୋଇଶିଙ୍ଗାଙ୍କ ପ୍ରତିନିଧି, ବିଧାୟକ ଟିଟିଲାଗଡଙ୍କ ପ୍ରତିନିଧି, ବିଧାୟକ, ବଲାଙ୍ଗିରଙ୍କ ପ୍ରତିନିଧି, ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖେତ୍ରି, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନିଲ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସେମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତି ର ଅଧକ୍ଷ ଅଧକ୍ଷା,ଦିଶା କମିଟି ର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଖଣି, ଏନଆରଜିଏସ, ବୃହତ ଉଠା ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଜାତୀୟ ରାଜପଥ,ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପଶୁ ପାଳନ, ଶିକ୍ଷା, ଦୂର ସଂଚାର, ନିର୍ମାଣଧିନ ରାସ୍ତା ଓ ବ୍ରିଜ୍ ଗୁଡିକର ସ୍ଥିତି ସମ୍ପର୍କରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ ,ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ବିକାଶ, ସମୃଦ୍ଧି ସକାଶେ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକ ଯେପରି ତୃଣମୁଳ ସ୍ତରରେ ପହଞ୍ଚିପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରେସ୍ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

ଜଗତସିଂହପୁର,(ନି.ପ୍ର): 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି।

# ଶିକ୍ଷାବିତ ତଥା ସମାଜସେବୀ ଭରଦ୍ୱାଜ ସାରଙ୍କ ଦେହାନ୍ତ

ଦଶପଲ୍ଲା, (ମନ୍ଥନ ନ୍ୟୁଜ): ଦଶପଲ୍ଲା ର ଶିକ୍ଷାବିତ ତଥା, ସମାଜ ସେବୀ ଭରଦ୍ୱାଜଙ୍କ ଦେହାନ୍ତ ଘଟିଛି। ଭରଦ୍ୱାଜ ଜଣେ ସମାଜସେବୀ ତଥା ଜଣେ ଉଚ୍ଚ ମାନର ଶିକ୍ଷାବିତ୍ ଥିଲେ। ଦଶପଲ୍ଲା ତେଣ୍ଡା ବାଡି ହାଇସ୍କୁଲ ନିର୍ମାଣ ରେ ତାଙ୍କର ବହୁ ଅବଦାନ ରହିଛି। ଚାକିରୀରୁ ଅବ୍ୟାହତି ନେବାପରେ ସେ ହୃଦ ରୋଗରେ ପୀଡିତ ହୋଇ, ହଠାତ୍ ଦେହ ଖରାପ ହେବାରୁ, ଏମ୍ସ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିଲେ। ଆଜି ସକାଳ ୧୦-୩୦/ମିନିଟ୍ ରେ ତାଙ୍କର ଦେହାନ୍ତ ଘଟିଲ। ତାଙ୍କୁ ପ୍ରଥମେ ତାଙ୍କର ହରିଡା ବାଡି ବାସଭବନକୁ ଅଣାଯାଇ ଥିଲ। ଫଳରେ,ବହୁ ବୁଦ୍ଧିଜୀବୀ ଦର୍ଶନ କଲା ପରେ,ନଜ ଗାଁ ତେଣ୍ଡାବାଡି କୁ ନିଆଯାଇ,ବହୁ ଲୋକଙ୍କ ସମାଗମ ରେ ତାଙ୍କର ଶବଦାହ କରାଯାଇଥିଲ। ଭରଦ୍ୱାଜଙ୍କ ଦେହାନ୍ତ ରେ ଦଶପଲ୍ଲାର ଜନ ସାଧାରଣଙ୍କ ମଧରେ ଶୋକର ଛାୟା ଖେଳିଯାଇଛି।

# ରେଭେନ୍ସାର ସଂସ୍କୃତି ବିଶ୍ୱରେ ନୂଆ ଅଧ୍ୟାୟ ଉନ୍ମୋଚନ କରିବ - ଧର୍ମେନ୍ଦ୍ର ପ୍ରଧାନ

କଟକ,୧୫।୭(ନି.ପ୍ର.): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆମ ସମସ୍ତ ଓଡ଼ିଆ ଲୋକଙ୍କ ପାଇଁ ଏକ ସଂସ୍କୃତି, ପରମ୍ପରା ଏବଂ ସ୍ପନ୍ଦନ ସଦୃଶ । ଏକବିଂଶ ଶତାବ୍ଦୀରେ ରେଭେନ୍ସାର ସଂସ୍କୃତି ବିଶ୍ୱରେ ନୂଆ ଅଧ୍ୟାୟ ଉନ୍‌ମୋଚନ କରିବ ବୋଲି ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ – ୨୦୨୫ରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଆଜିର ଭବ୍ୟ ସମାରୋହରେ ମାନ୍ୟବର ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ଉପାଧି ଏବଂ ପିଏଚ୍‌ଡି ଉପାଧି ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଓଡିଶାର ବହୁ ଐତିହାସିକ ଘଟଣାର ବହୁ ଉତ୍ ?ଥାନ ପତନର ଜୀବନ୍ତ ସାକ୍ଷୀ ଭାବରେ ବିଦ୍ୟମାନ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆସିବା ମୋ ପାଇଁ ବହୁତ ଆନନ୍ଦର ମୁହୂର୍ତ୍ତ । ବିଶ୍ୱରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯୋଗଦାନ ରଖିଥିବା ଏହି ବିଶ୍ୱବିଦ୍ୟାଳୟ ଏକ ସମ୍ମାନସ୍ପଦ ଅନୁଷ୍ଠାନ । ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ବଡ ଜନଆନ୍ଦୋଳନ ହୋଇଥିଲା ଏହି ଅନୁଷ୍ଠାନରେ । ତତ୍କାଳୀନ ମହାପୁରୁଷଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଭାଷାଭିତ୍ତିକ ଆନ୍ଦୋଳନ ସହ ଓଡ଼ିଶାରେ ନବସୃଜନର କଳ୍ପନା କରିଛି । ମହାପ୍ରଭୁଙ୍କ ତୀର୍ଥକ୍ଷେତ୍ର ଯେତେ ପବିତ୍ର ରେଭେନ୍ସା ବି ସେତେ ପବିତ୍ର । ରେଭେନ୍ସା ଯାହା ଆଜି ଭାବେ, ସେହି କଥାକୁ ଓଡ଼ିଶା ପରବର୍ତ୍ତୀ ସମୟରେ ଭାବେ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ସମସାମୟିକ ଜୀବନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ଚାହିଦା ବଢ଼ିଛି, ଯେଉଁ ଏଆଇକୁ ରେଭେନ୍ସା ଏବଂ ଜାତୀୟତାବାଦର ସମ୍ପର୍କ ଉପରେ ପ୍ରଶ୍ନ କଲେ ଉତ୍ତର ଆସୁଛି, ଓଡ଼ିଆ ଜାତୀୟତାବାଦ ଓ ରେଭେନ୍ସାର ଅନନ୍ୟ ସମ୍ପର୍କ ରହିଛି । ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ମୁଖ୍ୟ ମଞ୍ଚ ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ । ୨୦୩୬ ମସିହାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ ମସିହାରେ ଭାରତ ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ହାସଲ କରିବା ଦିଗରେ ରେଭେନ୍ସା ଏକ ଉତପ୍ରେରକ ଭଳି କାର୍ଯ୍ୟ କରିବ । ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏ ଦିଗରେ ସ୍ୱପ୍ନ ଦେଖିବା ପାଇଁ ସେ ଆହ୍ୱାନ କରିଛନ୍ତି । ସେ ଆହୁରି କହିଛନ୍ତି, ଆମର ଯୁବପିଢି ଚାକିରି ଅନ୍ୱେଷଣରେ ନରହି ଚାକିରି ଦେବାର ଅଭିମୁଖ୍ୟ ଆପଣାଇବାକୁ ହେବ । ଓଡ଼ିଶାରେ ବୌଦ୍ଧ ଧର୍ମ ଏବଂ କଳିଙ୍ଗ ଯୁଦ୍ଧର ଇତିହାସ ଓ ବାସ୍ତବ ଯଥାର୍ଥତାକୁ ଏଆଇ ମାଧ୍ୟମରେ ପ୍ରତିପାଦିତ କରିପାରିଲେ ହିଁ ଏକବିଂଶ ଶତାବ୍ଦୀରେ ଓଡ଼ିଶା ବୈଶ୍ୱିକ ନେତୃତ୍ୱର ପ୍ରୟୋଗଶାଳା ହେବ । ଆଜିର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିବାରୁ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗଦେଇଥିଲେ ।

# ଅବାଧ୍ୟରେ ଗାଡିରେ ଚାଲାଣ ହେଉଛି ପେଟିପେଟି ଚୋରା ମଦ

କୋରାପୁଟ,୧୫।୭(ନି.ପ୍ର.): ଅବକାରି ବିଭାଗକୁ ମଦ ଚୋରା ଚାଲାଣ କରି ରାଜରେସିଡେନ୍ସି ଖୁଲମ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ନେଇ ଆଲୋଚନାର ବିଷୟ ପାଲଟିଛି। ଦ୍ୱିପହରେ ସହର ମଧ୍ୟରେ ବୁଲେରୋ କିମ୍ବା ମଟର ସାଇକେଲରେ ପେଟିପେଟି ଚୋରା ମଦ କାରବାର କରୁଥିବା ଦେଖିବାକୁ ମିଳିଛି। ସହର ମହକୁମାରେ ରହି କାହାରିକୁ ଖାତିରି ନ କରି ଚାଲାଣ କରୁଛି। ଅବକାରି ବିଭାଗ ସକ୍ରୀୟ ଥିଲେ ମଧ୍ୟ ଚାଲାଣ ହେଉଥିବା ଚୋରା ମଦକୁ ବନ୍ଦ କରିବା ନେଇ ଅସଫଳ ଓ ରେସିଡେନ୍ସିର ମାଲିକ ହେଉଛନ୍ତି ମାଲାମାଲ। କଳାବ୍ୟବସାୟର ସାମ୍ରାଜ ସୃଷ୍ଟି କରି କୋଚିଆ ମାଧ୍ୟମରେ ରାଜ କରୁଥିବା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।



କୋରାପୁଟ ଜିଲ୍ଲାର ସଦରମହକୁମାସ୍ଥିତ ସହରର ସୁନାରି ଶାହି ର ହାଇସ୍କୁଲର ଅତିନିକଟରେ ରାଜ ରେସିଡେନ୍ସି ନାମକ ଏକ ଠିପିଖୋଲା ମଦ ଦୋକାନ ରହିଛି। ଏହି ରେସିଡେନ୍ସିର ମାଲିକ ର ଏପଟେ ଠିପିଖୋଲା ମଦ ଦୋକାନ ଥିବା ବେଳେ ଅନ୍ୟପଟେ ବିକାଶ ନାମରେ ଏକ ଘରୋଇ ଚିକିତ୍ସାଳୟ ରାଣିଗଡ ରାସ୍ତାରେ ରହିଛି। ଗୋଟିଏ ପଟେ ଚୋରା ମଦ ଚାଲାଣ କରି କଳା ବ୍ୟବସାୟ କରୁଥିବା ବେଳେ ମେଡିକାଲରେ ରୋଗୀ ସେବା କରିବା ବାହାନରେ ମଧ୍ୟ ଅର୍ଥ ଲୁଟ କରିବାରେ ମାହିର ରହିଛି। ଠିପିଖୋଲା ଦୋକାନ ରୁ ସହରର ବିଭିନ୍ନ ସ୍ଥାନରେ ଥିବା କୋଚିଆ ବେପାରିମାନଙ୍କୁ ବିଭିନ୍ନ ସମୟରେ ବୋଲେରୋ କିମ୍ବା ମଟର ସାଇକେଲରେ ପେଟିପେଟି ଚୋରା ମଦ ଚାଲାଣ କରୁଛନ୍ତି। ଏହି ଚୋରା ଚାଲାଣ କରିବା ନେଇ ଏକ ଟାଣ ନେଟୱାର୍କ ର ମାଧ୍ୟମ ରହିଥିବା ଆଲୋଚନା ହେଉଛି। ଏହି ରାଜ ରେସିଡେନ୍ସି ଠାରୁ ବିଦେଶି ମଦ ବହୁ ପରିମାଣରେ କୋରାପୁଟ ସହର ସମେତ ମସ୍ତିପୁଟ, ମହାଦେଇପୁଟ, ପୋଡାଗଡସହ ଉକ୍ତ ପଂଚାୟତର ବିଭିନ୍ନ ଗ୍ରାମ ଓ କୋରାପୁଟ ଜାତୀୟ ରାଜପଥ ୨୬ ନମ୍ବର ପାର୍ଶ୍ୱ ଡୁମୁରିପୁଟ, ମୋହନପଡା, ଦାମନଯୋଡି, ସେମିଳିଗୁଡାର ସୁବାଇ ଅଂଚଳର କିଛି ଗ୍ରାମକୁ ଅବାଧରେ ଚୋରା ମଦ କୋଚିଆ ମାନଙ୍କୁ ଚାଲାଣ କରିବାରେ ବେଶ ପାରଗମ ରହିଛି। କିଛି ଚୋଟିଆ କୋଚିଆ ମାନଙ୍କୁ ରାଜ ଠାରୁ ଚୋରା ମଦ କିଣିବା ନେଇ ବାଧ୍ୟ କରାଯାଉଛି ଯଦି ସେମାନେ ନ ରାଜି ହୁଅନ୍ତି ତେବେ ସେମାନଙ୍କୁ ପୋଲିସ ଦ୍ୱାରା ନାଲି ଆଖି ଦେଇଖାଇ ଭୟଭିତ କରାଯାଉଛି। କିଛି ଆଉଟ ପୋଷ୍ଟ ଓ ଥାନାକୁ ମାସିକିଆ ଅର୍ଥବଟି ଦିଆ ଯାଉଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ ରହିଥିବା ଗୁଜବ ସୃଷ୍ଟି କରିବାରେ ଲାଗିଛି। ଅନ୍ୟ ପକ୍ଷରେ ଚୋରା ଚାଲାଣ ପଛରେ ପୋଲିସ ହାତ ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ବର୍ତମାନ ଗାଁ ଗହଳିରେ ଦେଶି ବିଦେଶି ଚୋରା ମଦ ପ୍ରଚୁର ଭାବରେ ବିକ୍ରି ହେଉଥିବା ଦେଖିବାକୁ ମିଳୀଛି। ଏହା ଫଳରେ ସେହି ଅଂଚଳର ଲାଇସେନ୍ସ ପ୍ରାପ୍ତ ସରକାରି ଦୋକାନିଗୁଡିକ କ୍ଷତିରେ ପଡୁଛନ୍ତି ଓ ସରକାର ରାଜସ୍ୱ ମଧ୍ୟ ହରାଉଛନ୍ତି। କିଛି ବ୍ୟବସାୟି ନିଜ ନାମ ପ୍ରକାଶ ନ କରି କୋରାପୁଟରୁ ଅନ୍ୟ ଏସବୁ ଅଂଚଳକୁ ମଦ ଚୋରା ଚାଲାଣହେଉଥିବା କହିବା ସହ ଅବକାରି ବିଭାଗକୁ ମଧ୍ୟ ଅବଗତି କରାଇଥିବା କହିଛନ୍ତି କିନ୍ତୁ କିଛି ଫଳ ହେଉ ନାହିଁ। ଏହିଚୋରା ଚାଲାଣ ମଦ ମାଫିଆକୁ ବନ୍ଦ କରିବା ନେଇ ସାଧାରଣରେଦାବି ଜୋର ଧରିଛି।

# ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ

ବଲାଙ୍ଗିର,୧୫।୭(ନି.ପ୍ର.): ଓଡିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ. ଓ ଆଂଚଳିକ କ୍ଷେତ୍ର ପରିଚାଳକ ମାର୍କଫେଡ୍, ବଲାଙ୍ଗୀରଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ଚନ୍ଦନଭାଟି ପେସ୍କରେ ପ୍ରଥମ ଥର ଲାଗି ଉପଯୁକ୍ତ ମାନ



ବହନ କରୁଥିବା ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ପବିତ୍ର କୁମାର ବେହେରା ଯୋଗଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠି, ଡିଆରସିଏସ ପ୍ରମୋଦ କୁମାର ବରିହା, ଏଡିଓ ବଡ ପଣ୍ଡା, ଏଆରସିଏସ ଜାଭିୟର ସରେନ, ଏରିଆ ମେନେଜେର ମାର୍କଫେଡ଼ ରାଜେଶ କୁମାର ପଣ୍ଡା, ଚନ୍ଦନଭାଟି ସମିତି ସଭ୍ୟା ସଂଗୀତା ପାଣିଗ୍ରାହୀ, ସରପଂଚ ପଙ୍କଜିନୀ ସାହୁ ପ୍ରମୁଖ ମଂଚାସୀନ ଥିଲେ । ବଲାଙ୍ଗୀର ଜିଲ୍ଲାର ୨୯ଟି ପେସ୍କ ମାଧ୍ୟମରେ ଜିଲ୍ଲାରେ ୩୧୮୦ କୁଇଣ୍ଟାଲ ମୁଗ, ୪୧ କୁଇଣ୍ଟାଲ ବିରି, ୨୩୪ କୁଇଣ୍ଟାଲ ଚିନାବାଦାମ କ୍ରୟ ପାଇଁ ପଞ୍ଜିକରଣ କରାଯାଇଅଛି । ଆଜିର ଏହି କାର୍ଯ୍ୟକ୍ରମରେ ଚନ୍ଦନଭାଟି ପେସ୍କ ଦ୍ୱାରା ୧୯୯ କୁଇଣ୍ଟାଲ ମୁଗ କ୍ରୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ବ୍ଲକ କୃଷି ଅଧିକାରୀ ବିଶ୍ୱଜିତ ପାଟଯୋଶୀ, ସହାୟକ କୃଷି ଅଧିକାରୀ ସୁଜାତା ଛତ୍ରିଆ ତଥା ଚନ୍ଦନଭାଟିର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଗ୍ରାମବାସୀ, ଚନ୍ଦନଭାଟି ପେସ୍କର କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଲଲହଡା ନିର୍ବାଚନ ମଣ୍ଡଳୀର ବିକାଶ କମିଟି ସମୀକ୍ଷା ବୈଠକ




ଅନୁଗୋଳ,୧୫।୭(ନି.ପ୍ର.):: ଆଜି ପୂର୍ବାହ୍ନରେ ମାନ୍ୟବର ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଲଲହଡା ନିର୍ବାଚନ ମଣ୍ଡଳୀର ବିକାଶ କମିଟି ସମୀକ୍ଷା ବୈଠକ ପାଲଲହଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ବିଧାୟକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପୂର୍ତ୍ତ,ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ, କୃଷି, ଉଦ୍ୟାନ କୃଷି,ଗ୍ରାମ୍ୟ ଗୃହ ନିର୍ମାଣ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡିଶା ଜିବୀକା ମିଶନ, ଅନୁସୁଚିତ ଜନଜାତି ଓ ଜାତି ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଶ୍ରମ, ଦକ୍ଷତା ବିକାଶ, କ୍ରୀଡା ସହିତ ବିଭିନ୍ନ ବିଭାଗ ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ପାଲଲହଡା ଅଞ୍ଚଳ ସହିତ ଜଡିତ ବିଭିନ୍ନ ବିଷୟରେ ସମସ୍ତ ବିଭାଗୀୟ କାର୍ଯ୍ୟ ଉପରେ ମାନ୍ୟବର ବିଧାୟକ ସମୀକ୍ଷାକରିଥିଲେ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ପାରଦର୍ଶିତା ଏବଂ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ଉପରେ ମାନ୍ୟବର ବିଧାୟକ ଗୁରୁତ୍ୱାରୋପ କରିଥିଲେ ।

ବିଧାୟକଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଉପସ୍ଥିତିରେ ମୋ ଜଙ୍ଗଲ ଜମି ଯୋଜନା ଅନ୍ତର୍ଗତ ୪ଗୋଟି ରାଜସ୍ୱ ଗ୍ରାମର ଗୋଷ୍ଠୀ ଜଙ୍ଗଲ ଅଧିକାର ତଥା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଶିରୋନାମା ଗ୍ରାମ୍ୟ କମିଟିର ସଭାପତି ତଥା ସମ୍ପାଦକଙ୍କୁ ପ୍ରଦାନକରାଯାଇଥୁଲା । ଏହାବ୍ୟତିତ ପାଲଲହଡା ତହସିଲ ତରଫରୁ ୧୩ ଜଣ ହିତାଧିକାରୀଙ୍କୁ ବିଧାୟକଙ୍କ ଦ୍ୱାରା ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ପାଲଲହଡା ବ୍ଲକର ଜଣେ ପି ଭି ଟି ଜି ଉଦ୍‌ଯୋଗୀଙ୍କୁ ମାନ୍ୟବର ବିଧାୟକ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ନାନୋ ୟୁନିକର୍ଷ ଯୋଜନା ଅଧୀନରେ ୧ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଥିଲା । ଏହି ସମୀକ୍ଷାବୈଠକରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଇଏ ଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଗୌରୀ ଶଙ୍କର ବଳ, ପାଲଲହଡା ଗୋଷ୍ଠୀ ଉନ୍ନୟନ ଅଧୁକାରୀ ନିଶାନ ମିଶ୍ର, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ ଶୋକ ଶୋଭାଯାତ୍ରା

ଅନୁଗୁଳ,୧୫।୭(ନି.ପ୍ର.): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏମ୍ବରେ ଦୁଃଖଦ ମୃତ୍ୟୁ ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ଅବ୍ୟବସ୍ଥା ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରି ଦୁଃଖଦ ମୃତ୍ୟୁବରଣ କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମର୍ମାନ୍ତିକ ମୃତ୍ୟୁରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ଆଜି ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ କରାଯାଇଛି।



ଏହି ପରିପ୍ରେକ୍ଷୀରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଅନୁଗୁଳ ଜିଲ୍ଲା ପକ୍ଷରୁ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କର୍ମୀମାନେ କଳାବ୍ୟାଜ୍ ପରିଧାନ କରି ସ୍ଥାନୀୟ ଅମଲାପଡା ଛକଠାରୁ ଏକ ଶୋକ ଶୋଭାଯାତ୍ରାରେ ଆସି ଥାନାଛକ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସହରର ବିଶିଷ୍ଟ ବୁଦ୍ଧିଜୀବୀ, ବ୍ୟବସାୟୀ, ସାଧାରଣ ନାଗରିକ, କଲେଜର ଛାତ୍ରଛାତ୍ରୀ ଯୋଗଦାନ କରି ମୃତ ସୌମ୍ୟାଶ୍ରୀ ବିଶିଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ଅବିଳମ୍ବେ ୧କୋଟି ଟଙ୍କାର ସହାୟତା ଯୋଗାଇଦେବା, ଏହିଭଳି ଏକ ଅମାନବୀୟ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା ଦୀର୍ଘମାସ ଧରି ପୀଡିତା ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା, ମାନସିକ ନିର୍ଯ୍ୟାତନା ଏବଂ ଏକାଡେମିକ ହାରାସମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ୧୭ ଜୁଲାଇରେ ସାରା ଓଡିଶା ବନ୍ଦକୁ ସଫଳ କରିବା ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା।

# ଅରବିନ୍ଦ ନଗର ରାସ୍ତା କାଦ ପଚ୍‌ପଚ୍, ପ୍ରତିକାର ଦାବି

ବୁଗୁଡ଼ା,୧୫।୭(ନି.ପ୍ର.): ବୁଗୁଡ଼ା ଏନଏସିର ୱାର୍ଡ ନଂ-୨ ଅନ୍ତର୍ଗତ ଅରବିନ୍ଦ ନଗର-୩ରୁ କେନାଲ ସାହିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବହୁ ବର୍ଷ ତଳେ ତିଆରି ହୋଇଥିବା କଂକ୍ରିଟ ରାସ୍ତାଟି ଭାଙ୍ଗିଯାଇ ତାହା ଉପରେ ମାଟି ଜମାଟ ବାନ୍ଧି ଥିବାରୁ ସାମାନ୍ୟ ବର୍ଷାରେ ସେହି ଖାଲଖମା ରାସ୍ତାଟି କାଦରେ ପଚ୍‌ପଚ୍ ହୋଇଯାଉଛି। ସେହି ରାସ୍ତା ଦେଇ କେନାଲ ସାହି ଏବଂ ଅନ୍ୟ ସାହିର ଲୋକେ ଯାତାୟତ କଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଏନ୍‌ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ସରକାରୀ ଜମି ଦଖଲ ପାଇଁ ମୁହାଁମୁହିଁ



କୋଣାର୍କ, ୧୪/୭ ( ନିପ୍ର) ସୂର୍ଯ୍ୟ ମନ୍ଦିର ପଛ ପାଖରେ ନିର୍ମିତ ରିଙ୍ଗରୋଡ କାର୍ଯ୍ୟ ଅଧାରେ ଅଟକି ରହିଥିବା ବେଳେ ପୂର୍ବରୁ ଜଙ୍ଗଲ ଥିବା ଏହି ଜାଗା ରାସ୍ତା ନିର୍ମାଣ ପାଇଁ ସଫା ହୋଇଗଲା ପରେ ଜବର ଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବା ଦେଖିବାକୁ ମିଳିଛି। ସେଠାରେ ଥିବା ଖାଲି ଜାଗାରେ ଏବେ ଝୁମ୍ପୁଡ଼ି ଘର କରି ସରକାରୀ ଜମିକୁ ନିଜ ଅକ୍ତିୟାରକୁ ନେଇ ଗଲେଣି ଜବରଦଖଲକାରୀ। ଏପରିକି ସରକାରୀ ଜାଗାକୁ ନିଜ ଦଖଲରେ ରଖିବା ପାଇଁ ବିଭିନ୍ନ ଗୋଷ୍ଠି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ କି ସୂର୍ଯ୍ୟ ମନ୍ଦିର ପଛ ପାର୍ଶ୍ୱରେ ଥିବା ମଙ୍ଗୁଳେଶ୍ୱର ମନ୍ଦିର ଓ ମହାବୀର ମନ୍ଦିର ମଧ୍ୟରେ ଥିବା ଏକର ଏକର ସରକାରୀ ଜମିକୁ ଦଖଲ କରି ନେବା ପାଇଁ ଦଖଲକାରୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିବା ଶୁଣିବାକୁ ମିଳିଛି ।ରାଜସ୍ୱ ବିଭାଗ ପରୋକ୍ଷ ପ୍ରୋତ୍ସାହନ ତଥା କିଛି ଆତ୍ମଘୋଷିତ ନେତାଙ୍କ ଛତ୍ରଛାୟାରେ ବଳିଆନ ହୋଇ ଜବର ଦଖଲକାରୀ ବ୍ୟକ୍ତି ବିଶେଷ ମାନଙ୍କ ପୁଷ ମାସ ହୋଇଥିବା ଜଣାପଡିଛି। ସୂର୍ଯ୍ୟ ମନ୍ଦିର ପଛ ପାର୍ଶ୍ୱରେ ଦୀର୍ଘଦିନର ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ବିରାଟକାୟ ବାଲି ବନ୍ତ ଓ ଗଛମାନ କଟା ଯାଇ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏକ ବଡ ପରିମାଣର ଖାଲି ଜାଗା ରହିଥିବା ବେଳେ ତାକୁ ଜବର ଦଖଲକାରୀ ମାନେ ନିଜ କବଜାକୁ ନେଇଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ନଜରରେ ଏହି ଘଟଣା ପଡ଼ିଥିଲେ ମଧ ସେମାନଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କୋଣାର୍କ ଅଂଚଳବାସୀ । ରିଂଗରୋଡ ରାସ୍ତା ପାର୍ଶ୍ୱରେ କାହା ପ୍ରୋତ୍ସାହନରେ ଜମି ଜବରଦଖଲ ପାଇଁ ପାଲ ଘୋଡ଼ାଇ ଗୃହ କରାଯାଇଛି ତାହା ତଦନ୍ତ ସାପେକ୍ଷ ଅଟେ। ଏହି ସରକାରୀ ଜମି ଜବର ଦଖଲକୁ ନେଇ ଗତ ଦୁଇ ଦିନ ହେବ ଉକ୍ତ ସ୍ଥାନରେ କିଛି ଲୋକ ମୁହାଁମୁହିଁ ହୋଇଥିବା ବେଳେ ଘଟଣା ଯାଇ କୋଣାର୍କ ଥାନାରେ ପହଞ୍ଚିଛି। କେତେକ ଆସାଧୁ ବ୍ୟକ୍ତିବିଶେଷ ମାନେ ଏହି ସରକାରୀ ଜମିକୁ ହାତେଇ ପରବର୍ତ୍ତୀ ପର୍ଯ୍ୟାୟରେ ଚଢ଼ା ଦରରେ ମଧ୍ୟ ବିକ୍ରି କରିବାକୁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ସବୁ ଦେଖି ସ୍ଥାନୀୟ ତହସିଲଦାର ଓ ଆରଆଇ ମୋଟା ଅଙ୍କର ଉତ୍‌କୋଚ ନେଇ ଚୁପ୍ ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପାଇଁ କେତେକ କୁଜି ନେତା ଓ ଦଣ୍ଡିଆ ମାନେ ରାଜ୍ୱସ କର୍ମଚାରୀଙ୍କୁ ସହଯୋଗ କରୁଥିବା ଜଣାପଡିଛି। ଏଣୁ ଏହାର ବିଧିବଦ୍ଧ ଭାବେ ତଦନ୍ତ ପାଇଁ କୋଣାର୍କ ଅଂଚଳବାସୀ ଙ୍କ ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି ।

# ନଜର ଆଢୁଆଳରେ ବୌଦ୍ଧପୀଠ

କୋଣାର୍କ, ୧୫।୭(ନି.ପ୍ର.): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳି କୋଣାର୍କଠାରୁ ଅନତି ଦୂରରେ ରାଜ୍ୟ ପ୍ରତ୍ନତତ୍ ବିଭାଗ ଅଧୀନରେ ରହିଛି ଐତିହାସିକ ବୌଦ୍ଧପୀଠ କୁରୁମ ବର୍ଷବର୍ଷ ଧରି ପ୍ରଚାର ପ୍ରସାର ଅଭାବରୁ ଏଭଳି ଏକ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଇଛି ଛ କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ମାତ୍ର ୬ କିମି ଦୂରରେ ଥିବା କୁରୁମ୍ମ ଗ୍ରାମରେ ୨୦ ଦଶକରେ ବୌଦ୍ଧ କୀର୍ତ୍ତିରାଜିର ଭଗ୍ନାବଶେଷ ଅବିଷ୍କାର କରାଯାଇଥିଲା। କୁରୁମ୍ମ ଗ୍ରାମର ବିଦ୍ୟାଳୟ ପରିସରରେ ଗଛ ଲଗାଇବାକୁ ଗାତ ଖୋଳିବା ସମୟରେ ଉକ୍ତ ସ୍ଥାନରୁ ଖପରା, ପୁରୁଣା ଇଟା ଭଳି କିଛି ସମାଗ୍ରୀ ମିଳିଥିଲା। ଗ୍ରାମବାସୀ ମଧ ଘର ତିଆରି ପାଇଁ ନିଅଁ ଖୋଳିବା ସମୟରେ ବିଭିନ୍ନ ପ୍ରକାର ପ୍ରାଚୀନ ସାମଗ୍ରୀ ମିଳିଥିଲା। ଏ ସଂପର୍କରେ ତତ୍କାଳୀନ ବରିଷ୍ଟ ଶିକ୍ଷାବିତ ତଥା ଐତିହାସିକ ବାମଦେବ ମହାପାତ୍ରଙ୍କୁ ଗ୍ରାମବାସୀ ଅବଗତ କରିଥିଲେ। ଗ୍ରାମବାସୀଙ୍କଠାରୁ ଅବଗତ ହେବାପରେ ବାମଦେବ ମହାପାତ୍ର ଓ ବ୍ରଜବନ୍ଧୁ ଦାଶଙ୍କ ପ୍ରଚେଷ୍ଟାରେ ଉକ୍ତ ସ୍ଥାନ ଖନନ କରାଯାଇଥିଲା।

୧୯୬୩ରେ ରାଜ୍ୟ ପ୍ରତ୍ନତତ୍ ବିଭାଗ ଅଧୀନରେ ଉକ୍ତ ସ୍ଥାନ ଖନନ କରାଯାଇଥିଲା। ନିକଟରେ ଥିବା ଧରୁମ୍ଭ ପୋଖରୀ ତୁଠ ପଥର ପାଲଟିଥିବା ଏକ ପଥର ଓଲଟାଯିବା ପରେ ତାହା ୫ ଫୁଟ ଉଚ୍ଚ ଓ ତିନି ଫୁଟ ଓସାରର ଏକ ବୁଦ୍ଧ ମୂର୍ତ୍ତି



ବୋଲି ଜଣାପଡ଼ିଥିଲା। ପର୍ଯ୍ୟଟନ ବିଭାଗ ଉକ୍ତ ପୀଠକୁ ପର୍ଯ୍ୟଟନ କ୍ୟାଲେଣ୍ଡର୍ ?ରେ ରଖିଥିବାବେଳେ ମକ୍ତ ସ୍ଥାନର ବିକାଶ ଦିଗରେ କେବଳ ନିଦା ବିଷ୍ଣୁ ସାଜିଥିବାର ଦେଖାଯାଇଛି। ରାଜ୍ୟ ପ୍ରତ୍ନତ୍ୱାତ୍ ବିଭାଗ ଏହି ସ୍ଥାନ କଥା ଭୁଲିଯାଇଥିବା ଭଳି ମନେ ହୋଇଛି । ରାଜ୍ୟ ପ୍ରତ୍ନଉତ୍ ବିଭାଗ ଓ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉକ୍ତସ୍ଥାନ ପରିଦର୍ଶନ କରି ଏହି ସ୍ଥାନର ସ୍ଥିତି ଅନୁଧ୍ୟାନ କରିଥିବା ବେଳେ କୌଣସି ଅଶାନୁରୂପ ବିକାଶ ହୋଇପାରିନାହିଁ। ଏବେ କୁରୁମ୍ମ ଓ ଏହାର ଆଖପାଖ ଗ୍ରାମବାସୀଙ୍କୁ ନେଇ ଗଠିତ ଉନ୍ନୟନ କମିଟି ଉକ୍ତ ପୀଠର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ମାତ୍ର ରାଜ୍ୟ ପ୍ରତ୍ନଉତ୍ତ୍ୱ ବିଭାଗର ଉଦାସୀନତା ପାଇଁ ଏହି ସ୍ଥାନ ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି ଖନନ ହୋଇଥିବା ସ୍ଥାନ ପାଲଟିଲାଣି ପାଳଗଦା ଧରମ୍ଭ ପୋଖରୀ, ଯେଉଁଠାକୁ ଏକ ବଡ଼ ବୁଦ୍ଧ ମୂର୍ତ୍ତି ମିଳିଥିଲା ସେହି ଜାଗା ଏବେ ପାଳଗଦା ପାଲିଛି ସେଠାରେ କେହିକେହି ଧାନ ଶୁଖାଇଥିବାର ଦେଖାଯାଇଛି । କୁରୁମ୍ମ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ନବଘନ ପଣ୍ଡା ଓ ଅନ୍ୟ କେତେଜଣଙ୍କ ମାର୍ଫତରେ ଥିବା ୨୯ ଡେସିମିଲ ସ୍ଥାନରୁ ବୌଦ୍ଧ କୀର୍ତିରାଜିର ଉଗ୍ନାବଶେଷ ଉଦ୍ଧାର କରାଯାଇଥିଲା। ତାହା ଏବେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ଉକ୍ତ ୨୯ ଡେସିମିଲ ସ୍ଥାନର କ୍ଷତିପୂରଣ ଦେବାପାଇଁ ବାରମ୍ବାର ସରକାରୀ ଦପ୍ତରକୁ ଣିଡ଼ିଣିଡ଼ି ନୟାନ୍ତ ହେବାପରେ ନବଘନ ପଣ୍ଡାକାର ଦେହାନ୍ତକୁ ଇତିମଧ୍ୟରେ ବର୍ଷାଧିକ ସମୟ ବିତିଛି କୌଣସି କ୍ଷତିପୂରଣ ନ ମିଳିବାରୁ ବର୍ତମାନ ଉକ୍ତ ସ୍ଥାନ ଉପରେ ସ୍ୱର୍ଗତ ପଣ୍ଡାଙ୍କ ଉତ୍ତରାଧିକାରୀମାନେ ଖଜଣା ଦେଇ ପାଉତି କାଟୁଛନ୍ତି ଖନନ ହୋଇଥିବା ଉକ୍ତ ସ୍ଥାନରେ ଦଶ ବଖରାରୁ ଅଧିକ ଘର, ମଣ୍ଡପ ଭଳି ଐତିହାସିକ କ୍ରିତିରାଜି ଥିବା ସମୟରେ ଏବେ ସେହି ସ୍ଥାନରେ ଗୋବର ଘସି ଶୁଖୁଥିବାର ଦେଖାଯାଇଛି।

# ଜମି ଅଧିଗ୍ରହଣ, ବିସ୍ଥାପନ ଓ ଥଇଥାନ ସମ୍ପର୍କିତ ଅଭିଯୋଗ ଶୁଣାଣି

ଅନୁଗୋଳ : ଛେଣ୍ଡିପଦା ତହସିଲକାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ଖଣି ଓ ଶିଳ୍ପରେ ବିସ୍ଥାପିତ, ଥଇଥାନ ସମସ୍ୟାକୁ ନେଇ ସୋମବାର ପ୍ରଶାସନ ପକ୍ଷରୁଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶୁଣାଣିରେ ୪ଟି ଅଭିଯୋଗ ହୋଇଛି। ଗତ ଜୁଲାଇ ୩ ତାରିଖରେ ଗରିବ କଲ୍ୟାଣ ବିକାଶ ସମାବେଶରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଖଣି ଓ ଶିଳ୍ପରେ ସ୍ଥାନୀୟ ବିସ୍ଥାପିତ, କ୍ଷତିପୂରଣ ଓଥଇଥାନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ପାଇଁ ଘୋଷଣା କରିଥିଲେ ।ସେହି ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାପାଳ ଅବଦଲ୍ ଏମ୍ ଅଖତର ମାସରେ ଦୁଇଟି ସୋମବାରରେ ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ କିମ୍ବା ଅଞ୍ଚଳର କୌଣସି ସ୍ଥାନରେ ଅଭିଯୋଗ ଗ୍ରହଣ କରିବାକୁ ଏଡିଏମ୍ (ରାଜସ୍ୱ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏଡିଏମ୍ ଉଦୟ ମହାପାତ୍ରଙ୍କ ନିକଟରେ ଥଳିପଶି ଗ୍ରାମର ବିସ୍ଥାପିତଙ୍କୁ ନିଯୁକ୍ତି, ଥଇଥାନ, ସ୍ୱାମୀ ପରିତ୍ୟକ୍ତାଙ୍କୁ ପିଡିଏଫ୍ ତାଲିକାରେ ଅନ୍ତର୍ଭୁକ୍ତ, ଜମିରେ ଥିବା ଗଛର ଉଚିତ ମୂଲ୍ୟାଙ୍କନ ଦାବି ଆଦି ୪ ଟି ଅଭିଯୋଗ ହୋଇଥିଲା।

# ଜାତୀୟ ସ୍ତରୀୟ ଭୋଟର ତାଲିମ ଶିବିର

କାକଟପୁରଳ,୧୫।୭(ନି.ପ୍ର.); ଆଗାମୀ ପଞ୍ଚାୟତ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭୋଟର ମାନଙ୍କ ଶତପ୍ରତିଶତ ଭୋଟ ଦାନ ପ୍ରକ୍ରିୟା କୁ କ୍ରିୟାଶୀଳ କରିବା ପାଇଁ ବୁଥ ଲେବଲ ଠାରୁ ସୁପରଭାଇଜର ପର୍ଯ୍ୟନ୍ତ ଅଫିସର ମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବା କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ ସଭାଗୃହ ରେ ୧୪ ଓ ୧୫ ତାରିଖ ଦୁଇଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ୧୦୨ ଜଣ ବିଏଲଓ ଏବଂ ୧୧ ଜଣ ସୁପରଭାଇଜର ଙ୍କୁ ନେଇଆଗାମୀ ଭୋଟର ସଂଯୁକ୍ତ କାର୍ଯ୍ୟ ପାଇଁ ‘ଜାତୀୟ ସ୍ତରୀୟ ଭୋଟର ତାଲିମ୍ ପ୍ରଶିକ୍ଷଣ ‘ ଅନୁଷ୍ଠିତ ହୋଇ ଥିଲା ଏଥିରେ ଭୋଟର ମାନଙ୍କୁ ଯୋଗ, ବାଦ, ସଂଶୋଧନ, ଆଧାର ସଂଯୋଗ, ପ୍ରବାସୀ ଭାରତୀୟ ଙ୍କୁ ଯୋଗ, ପ୍ରଭୃତି ଫର୍ମ ର ପୂରଣ ସଂକ୍ରାନ୍ତୀୟ ତାଲିମ୍ ଦେବା ସହିତ ଗୃହ ରୁ ଗୃହ ବୁଲି ଭୋଟର ଓ ପ୍ରବାସୀ, ବିଦେଶୀ,ଅନୁପସ୍ଥିତ,ଦୋହରା ଭୋଟର ମାନଙ୍କୁ ଚିହ୍ନଟ ଓ ପଦକ୍ଷେପ ନେବା ପାଇଁ ପ୍ରଶିକ୍ଷଣ କରାଯାଇଥିଲା।

ଅନଲାଇନ ରେ ବି. ଏ ଲ. ଓ ଆପ, ଭୋଟର ହେଲ୍ପ ଲାଇନ,ଏନ. ଭି. ଏ ସ. ପି ଆପ, ଇ. ସି. ଆ ଇ ୱାୟବ ସାଇଡ୍ ମାଧ୍ୟମ ରେପୂର୍ଣ୍ଣାଙ୍ଗ ଭୋଟର ତାଲିକା -୨୦୨୫-୨୬ ପ୍ରସ୍ତୁତ ପାଇଁ ଆଲୋକପାତ କରିଥିଲେ ।ବି ଡି.ଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଆନନ୍ଦିତା, ବି.ଇ.ଓ ରବୀନ୍ଦ୍ର ନାଥ ନନ୍ଦ ଏବଂ ସିଡିପିଓ ମେରୀ ମାଇକେଲ ଯୋଗ ଦେଇ ସମସ୍ତ ଙ୍କ ସହଯୋଗ ଓ ସକ୍ରିୟ ଭାଗିଦାରୀତା ରେ ସ୍ୱଚ୍ଛ,ନିର୍ଭୁଲ,.ସୁସ୍ଥ, ସାର୍ବଜନୀନ ଭୋଟର ତାଲିକା ପ୍ରସ୍ତୁତ କରିବା ଉପରେ ଆଲୋକପାତ କରିଥିଲେ।

କିଛି ମାତ୍ରାରେ ବାହାର ଦେଶ ବା ରାଜ୍ୟ ଭୋଟର ମାନେ ଏଠାରେ ନ ରହି ତାଙ୍କର ଅନୁପସ୍ଥିତ କୁ ନିର୍ବାଚନ ସମୟ ରେ ଉପସ୍ଥିତ ହେବାର ଧୃଷ୍ଟତାକରୁଥିବାରୁ ଏହାକୁ ଅନୁଧ୍ୟାନ କରି ଅଗ୍ରାଧିକାର ଭିତିରେ ପଦକ୍ଷେପ ନେବା ପାଇଁ ଆଲୋଚନା କରିଥିଲେ କ୍ଷ ତ୍ରିଲୋଚନ ବିଶ୍ୱାଳ ପ୍ରଶିକ୍ଷକ ଭାବେ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରଦାନ କରିଥିବାବେଳେ ଉପସ୍ଥିତ ବିଏଲଓ ଏବଂ ସୁପରଭାଇଜର ମାନଙ୍କୁ ପରିଶେଷରେ ପ୍ରମାଣ ପତ୍ର ପ୍ରଦାନ କରାଯାଇ ତାଲିମ୍ କାର୍ଯ୍ୟକ୍ରମ ଟିକୁ ସଫଳ କରାଯାଇଥିଲା ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ